# ମୋ ମତଦାନ ମୋର ନିଜ ଅଧିକାର

- ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଲାଗି ଆପଣମାନେ ନିଜ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବା ସକାଶେ ଭାରତର ସଂବିଧାନ, ଆପଣଙ୍କୁ ସର୍ବୋଚ୍ଚ କ୍ଷମତା ଅର୍ପଣ କରିଛି।
- ଆପଣଙ୍କର ଗାଣତନ୍ତ୍ରିକ ଅଧିକାରକୁ ପ୍ରୟୋଗ କରିବା ସକାଶେ ଆପଣ ସାଧାରଣତଃ ଯେଉଁଠାରେ ବାସ କରୁଛନ୍ତି ସେହି ଅଞ୍ଚଳର ଭୋଟର ତାଲିକାରେ ଆପଣଙ୍କ ନାମ ପଂଜୀକରଣ କରିବା ହେଉଛି ଆପଣଙ୍କର ସର୍ବପ୍ରଥମ କର୍ତ୍ତବ୍ୟ। ନାମ ପଂଜୀକରଣ ଲାଗି ଆପଣଙ୍କ ଅଂଚଳର ବିଏଲ୍ଓ/ବିଡିଓ/ତହସିଲ୍ଦାର୍/ସବ୍-କଲେକ୍ଟର୍ଙ୍କ ସହିତ ଯୋଗାଯୋଗ କରିବା ଉଚିତ୍ ।
- ଗୋଟିଏ ବା ତା'ଠାରୁ ଅଧିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକାଧିକ ଭୋଟ ଦାନ କେନ୍ଦ୍ରରେ ଆପଣଙ୍କର ନାମ ପଂଜୀକରଣ କରିଥିଲେ ତାହା ଆଇନତଃ ଦଣ୍ଡନୀୟ ଅପରାଧ । ତେଣୁ ଆପଣ ଯେଉଁଠାରେ ବାସ କରୁନାହାନ୍ତି ସେହି ଭୋଟ ଦାନ କେନ୍ଦ୍ରର ଭୋଟର ତାଲିକାରୁ ନାମ କାଟି ଦେବାକୁ ଆପଣ ସଂପୃକ୍ତ ଅଂଚଳର ବିଏଲ୍ଓ/ ବିଡିଓ/ ସବ୍‌କଲେକ୍ଟରଙ୍କୁ ଆବେଦନ କରିବା ଉଚିତ୍ ।
- ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନେକ ପ୍ରାର୍ଥୀଙ୍କ ମଧ୍ୟରୁ ଜଣକୁ ନିର୍ବାଚିତ କରିବା ଲାଗି ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଇଲୋକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାର କରାଯାଉଛି ଯାହାକି ଏକ ସରଳ, ନିର୍ଭରଯୋଗ୍ୟ, ବହନୀୟ ଓ ସହଜରେ ସଂଚାଳନ କରାଯାଇପାରିବା ଯନ୍ତ୍ର । ଏହାକୁ ବାରମ୍ବାର ପରୀକ୍ଷା କରାଯାଇଛି ଓ ଏ ସଠିକ୍, ତ୍ରୁଟିଶୂନ୍ୟ ଓ ହେରଫେର ମୁକ୍ତ ମେସିନ୍ ଭାବରେ ପ୍ରମାଣିତ ହୋଇଛି ।
- ଇଭିଏମ୍‌ର ଦୁଇଟି ୟୁନିଟ୍ ରହିଛି, ତନ୍ମଧ୍ୟରୁ ଗୋଟିଏ ବାଲାଟ୍ ୟୁନିଟ୍ ଓ ଅନ୍ୟଟି ନିୟନ୍ତ୍ରଣ ୟୁନିଟ୍ । ଉଭୟ ୟୁନିଟ୍ ପରସ୍ପର ସଂଯୋଗ କେବୁଲ୍ ଦ୍ୱାରା ଯୋଡ଼ା ଯାଇଛି ।
- ଏହି ଦୁଇଟି ୟୁନିଟ୍ ମଧ୍ୟରୁ ବାଲାଟ୍ ୟୁନିଟ୍‌କୁ ଭୋଟର୍‌ମାନେ ସେମାନଙ୍କର ଭୋଟଦେବା ସକାଶେ ଭୋଟ ଦାନ ପ୍ରକୋଷ୍ଠରେ ରଖାଯାଏ ଓ ନିୟନ୍ତ୍ରଣ ୟୁନିଟ୍‌କୁ ଭୋଟର୍‌ମାନେ ଜଣକ ପରେ ଜଣେ ଭୋଟ୍ ଦେବା ସକାଶେ ତଥା ଦିଆଯାଉଥିବା ଭୋଟ୍‌କୁ ଅଭିଲିଖିତ କରିବା ଲାଗି ତାହାକୁ ପ୍ରିଜାଇଡ଼ିଂ ଅଫିସର୍/ପୋଲିଂ ଅଫିସର୍ଙ୍କ ପାଖରେ ରଖାଯାଏ ।
- ଭୋଟର୍ ଭାବରେ ଯେଉଁ ଭୋଟ୍ ଦାନ କେନ୍ଦ୍ରର ଭୋଟର୍ ତାଲିକାରେ ଆପଣଙ୍କ ନାମ ରହିଛି ସେହି କେନ୍ଦ୍ରରେ ଭୋଟ ଦାନ ପାଇଁ ଧାର୍ଯ୍ୟ ସମୟ ମଧ୍ୟରେ ଆପଣ ପହଞ୍ଚିବା ଉଚିତ୍ ।

- ଭୋଟ୍‌ଦାନ କେନ୍ଦ୍ରରେ ପହଞ୍ଚିବା ପରେ ଆପଣ ଭୋଟ୍ ଦେବା ଲାଗି ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରନ୍ତୁ । ଯେତେବେଳେ ଆପଣଙ୍କ ପାଳି ପଡ଼ିବ ସେତେବେଳେ ଆପଣ ଭୋଟ୍‌ଦାନ କେନ୍ଦ୍ରରେ ପ୍ରବେଶ କରନ୍ତୁ ଓ ପ୍ରଥମ ପୋଲିଂ ଅଫିସରଙ୍କ ନିକଟକୁ ଯାଆନ୍ତୁ ଓ (ଯଦି ଆପଣ ଜାଣିଛନ୍ତି ତେବେ) ଆପଣଙ୍କର ଭୋଟର୍ ତାଲିକାରେ ଥିବା ନାମ, କ୍ରମିକ ସଂଖ୍ୟା ଓ ଭାଗ ସଂଖ୍ୟା କହନ୍ତୁ ଓ କମିଶନଙ୍କ ଦ୍ୱାରା ବିହିତ ହୋଇଥିବା ମତେ ଆପଣଙ୍କର ଇପିଆଇସି/ଚିହ୍ନଟ ସମ୍ବନ୍ଧୀୟ କାଗଜପତ୍ର ଦେଖାନ୍ତୁ ।
- ତା'ପରେ ଆପଣ ଦ୍ୱିତୀୟ ପୋଲିଂ ଅଫିସର୍‌ଙ୍କ ନିକଟକୁ ଯାଆନ୍ତୁ ଓ ଆପଣଙ୍କ ଶରୀରର ଯଥା ସ୍ଥାନରେ ଅଲିଭା କାଳି ଦାଗ ଦେବାରେ ସହଯୋଗ କରନ୍ତୁ ଏବଂ ସଂପୃକ୍ତ ରେଜିଷ୍ଟର୍‌ରେ ଆପଣଙ୍କର ସ୍ୱାକ୍ଷର କରନ୍ତୁ/ଆପଣଙ୍କର ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ଦିଅନ୍ତୁ । ତା'ପରେ ସେ ଆପଣଙ୍କୁ ଖଣ୍ଡିଏ ଭୋଟର୍ ଚିର୍‌କୁଟ୍ ଦେବେ ।
- ତା'ପରେ ଆପଣ ଇଭିଏମ୍‌ର ନିୟନ୍ତ୍ରଣ ୟୁନିଟ୍ ବା ସେହି ୟୁନିଟ୍ ଦାୟିତ୍ୱରେ ଥିବା ତୃତୀୟ ପୋଲିଂ ଅଫିସର୍ / ପ୍ରିଜାଇଡ଼ିଂ ଅଫିସର୍‌ଙ୍କ ନିକଟକୁ ଯାଆନ୍ତୁ ଓ ତାଙ୍କୁ ଭୋଟର୍ ଚିର୍‌କୁଟ୍‌ଟିକୁ (ଗୁଡ଼ିକୁ) ଦିଅନ୍ତୁ ଓ ସଂପୃକ୍ତ ପୋଲିଂ ଅଫିସର୍ ଯେତେବେଳେ ଅନୁମତି ଦେବେ ସେତେବେଳେ ଭୋଟ୍ ଦେବା ପାଇଁ ଯେଉଁ ଠାରେ ବାଲାଟ୍ ୟୁନିଟ୍ ରଖାଯାଇଛି ସେହି ଭୋଟ୍‌ଦାନ କକ୍ଷକୁ ଯାଆନ୍ତୁ ।
- ଭୋଟ ଦାନ କକ୍ଷରେ ପହଞ୍ଚିବା ପରେ ଆପଣ ବାଲାଟ୍ ୟୁନିଟ୍‌ର ସବୁଜ ଆଲୁଅ ଜଳୁଛି କି ନାହିଁ ତାହା ଦେଖିବା ଉଚିତ୍ । ଯଦି ଜଳୁଛି ତେବେ ଭୋଟ୍ ଦେବା ପାଇଁ ବାଲାଟ୍ ୟୁନିଟ୍ ପ୍ରସ୍ତୁତ ଅଛି ବୋଲି ଜଣାପଡ଼ିବ ।
- ତା'ପରେ ଆପଣ ଯେଉଁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବାକୁ ଚାହୁଁଛନ୍ତି ତାହାଙ୍କ ନାମ / ନିର୍ବାଚନ ଚିହ୍ନ ବାଛନ୍ତୁ । ପ୍ରାର୍ଥୀ ଓ ତାହାଙ୍କ ଚିହ୍ନ ବାଛି ସାରିଲା ପରେ ସେହି ନାମ/ଚିହ୍ନ ପାର୍ଶ୍ୱରେ ଥିବା ବଟନ୍ ଦବାନ୍ତୁ ।
- ଆପଣ ବଟନ୍ ଦବାଇବା ପରେ ସଂପୃକ୍ତ ପ୍ରାର୍ଥୀଙ୍କର ନାମ ଓ ଚିହ୍ନ ପାର୍ଶ୍ୱରେ ବାଲାଟ୍ ୟୁନିଟ୍‌ରେ ଥିବା ଆଲୋକ ବ୍ୟବସ୍ଥାରୁ 'ନାଲି' ଓ 'ସବୁଜ' ଆଲୁଅ ଜଳିବାକୁ ଆରମ୍ଭ କରିବ ଓ ବାଲାଟ୍ ୟୁନିଟ୍‌ଟି ବନ୍ଦ ହୋଇଯାଇ ଏକ ସୁସୁରି ଶବ୍ଦ ଶୁଣାଯିବ ।
- ଅଳ୍ପ କେତେକ ସେକେଣ୍ଡ ପରେ ପ୍ରାର୍ଥୀଙ୍କର ନାମ ପାର୍ଶ୍ୱରେ ଥିବା ନାଲି ଆଲୋକ ଓ ସୁସୁରି ଶବ୍ଦଟି ବନ୍ଦ ହୋଇଯିବ।
- ଯଦି ଆପଣ ଦେଖିବେ ଯେ ଭୋଟିଂ ମେସିନ୍‌ରେ ଥିବା ବଟନ ଦବାଇବା ପରେ ଆଲୁଅ ଜଳୁନାହିଁ କିମ୍ବା ସୁସୁରି ଶବ୍ଦ ବାଜୁନାହିଁ ତେବେ ସେପରି ସ୍ଥଳେ ଆପଣ ତାହା ସଂପୃକ୍ତ ପ୍ରିଜାଇଡ଼ିଂ ଅଫିସର୍ ଓ ପୋଲିଂ ଅଫିସରଙ୍କୁ ଜଣାଇବେ ।
- ଆପଣ ନିଜର ଭୋଟ ଦେବା ପରେ କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ ତାହା ପ୍ରକାଶ କରନ୍ତୁ ନାହିଁ ।

- ଯଦି ଆପଣ ଜଣେ ଅନ୍ଧ/ବା ଅକର୍ମଣ୍ୟ ବ୍ୟକ୍ତି ହୋଇଥିବେ ତେବେ ଆପଣଙ୍କ ଇଚ୍ଛା ମୁତାବକ ଭୋଟ ଦେବା ପାଇଁ 18 ବର୍ଷ ବୟସରୁ କମ୍ ହୋଇ ନଥିବା ଜଣେ ବ୍ୟକ୍ତିଙ୍କୁ ଭୋଟ ଦାନ କକ୍ଷକୁ ଆପଣଙ୍କ ସାଙ୍ଗରେ ନେବା ପାଇଁ ଭୋଟ ଦାନ କେନ୍ଦ୍ରର ପ୍ରିଜାଇଡ଼ିଂ ଅଫିସର ଅନୁମତି ଦେଇ ପାରିବେ ।
- କୌଣସି ଭୋଟ ଦାନ କେନ୍ଦ୍ରରେ ଗୋଟିଏ ଦିନରେ ଜଣେ ବ୍ୟକ୍ତିଙ୍କୁ ଏକାଧିକ ନିର୍ବାଚକଙ୍କ ପାଇଁ ସହଚର ହିସାବରେ ଭୋଟ ଦେବା ଲାଗି ଅନୁମତି ଦିଆଯିବ ନାହିଁ ।
- ନୂଆ ମଡେଲ ଇଭିଏମ୍ ମେସିନ୍ (2006-07)ରେ ପ୍ରାର୍ଥୀଙ୍କର କ୍ରମିକ ସଂଖ୍ୟା ଦର୍ଶାଯାଇ ବାଲାଟ୍ ୟୁନିଟ୍‌ର ଡାହାଣ ପାର୍ଶ୍ୱର ଶେଷରେ ବ୍ରେଲି ଚିହ୍ନ ରହିଛି । ଯଦି ପ୍ରିଜାଇଡ଼ିଂ ଅଫିସରଙ୍କୁ ଏକ ନମୁନା ଭୋଟ କାଗଜ ଯୋଗାଇ ଦିଆଯାଇଥାଏ ତେବେ ଆପଣ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାହୁଁଛନ୍ତି ତାଙ୍କର କ୍ରମିକ ସଂଖ୍ୟା ଟିପି ରଖିବାକୁ କହନ୍ତୁ ଏବଂ କୌଣସି ସହଚର ଉପରେ ନିର୍ଭର ନକରି ବ୍ରେଲି ଚିହ୍ନ ସାହାଯ୍ୟରେ ନିଜର ମତଦାନ କରନ୍ତୁ ।
- ସେହି ଭଳି ଦୃଷ୍ଟି ଶକ୍ତିରେ ଦୁର୍ବଳ ଥିବା ଅନ୍ୟ ଭୋଟରମାନଙ୍କ ଦ୍ୱାରା ତାହା ବ୍ୟବହାର ହେବା ଲାଗି ରିଟର୍ଣ୍ଣିଂ ଅଫିସରଙ୍କୁ ସହି ନମୁନା ବାଲାଟ ପେପରକୁ ଫେରାଇ ଦିଅନ୍ତୁ ।
- ଆପଣ ନିଜର ମତଦାନ କଲାବେଳେ କୌଣସି ବ୍ୟକ୍ତି ବା ମାଧ୍ୟମ ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ । ନିଜର ବିବେକ ଅନୁସାରେ ମତଦାନ କରନ୍ତୁ ।
- ଆମ୍ଭମାନଙ୍କର ଅତିପ୍ରିୟ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟତା ପ୍ରଦାନ କରନ୍ତୁ ।
- ଆପଣଙ୍କ ମତଦାନ ଅଧିକାରକୁ ପ୍ରୟୋଗ କଲାବେଳେ କୌଣସି ଅନୈତିକ ଉପାୟ ଅବଲମ୍ବନ କରନ୍ତୁ ନାହିଁ, କାରଣ ସେପରି କରିବା ଦ୍ୱାରା ଆମର ଗାଣତନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହେବା ସଂଗେସଂଗେ ଆପଣ ମଧ୍ୟ କାରାବାସ ବା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି ।

# ଆଦର୍ଶ ଆଚରଣ ବିଧି

- **ଆଦର୍ଶ ଆଚରଣ ବିଧି କାହାକୁ କୁହାଯାଏ ?**
- ରାଜନୀତିକ ଦଳ ଓ ପ୍ରାର୍ଥୀମାନଙ୍କ ମାର୍ଗଦର୍ଶନ ନିମନ୍ତେ ଆଦର୍ଶ ଆଚରଣ ବିଧି ଉଦ୍ଦିଷ୍ଟ। ଏହି ଆଚରଣ ବିଧି ଏକ ନମୁନା ଯାହାକି ସମସ୍ତ ରାଜନୀତିକ ଦଳମାନଙ୍କ ସହମତିରେ ପ୍ରକାଶିତ ହୋଇଅଛି। ଉକ୍ତ ଆଚରଣ ବିଧିରେ ଅନ୍ତର୍ଭୁକ୍ତ ନୀତି ନିୟମକୁ ରାଜନୀତିକ ଦଳଗୁଡ଼ିକ ଯେପରି ଅନୁପାଳନ କରିବେ ତଥା ତାହାକୁ ଅକ୍ଷରେ ଅକ୍ଷରେ ମାନିବେ ସେଥି ଲାଗି ତାହା ସେମାନଙ୍କ ପ୍ରତି ଆବଦ୍ଧକର ହେବ ।
- **ଉକ୍ତ ଆଚରଣବିଧି ବିଷୟରେ ନିର୍ବାଚନ କମିଶନଙ୍କ ଭୂମିକା କ'ଣ ?**
- ଭାରତ ସଂବିଧାନର ଅନୁଚ୍ଛେଦ 324 ଅନୁଯାୟୀ ସଂସଦ ତଥା ରାଜ୍ୟ ବିଧାନସଭାଗୁଡ଼ିକ ଲାଗି ଯେପରି ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କରାଯାଇପାରିବ ସେଥି ସକାଶେ କେନ୍ଦ୍ର ତଥା ରାଜ୍ୟଗୁଡ଼ିକରେ କ୍ଷମତାରେ ଥିବା ରାଜନୀତିକ ଦଳ(ଗୁଡ଼ିକ) ସମେତ ଶାସକ ଦଳ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ସଂପର୍କିତ ନିୟମାବଳୀ ପାଳନ କରୁଛନ୍ତି କି ନାହିଁ ତାହା ନିର୍ବାଚନ କମିଶନ ଅନୁଧ୍ୟାନ କରିବେ । ନିର୍ବାଚନ ଉଦ୍ଦେଶ୍ୟରେ ନିୟୋଜିତ ସରକାରୀ କଳର ଯେପରି ଅପବ୍ୟବହାର ନହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବା ଉଚିତ୍ । ନିର୍ବାଚନ ସଂପର୍କିତ ଅପରାଧ, ମିଥ୍ୟା ପରିଚୟ ପ୍ରଦାନ, ଲାଞ୍ଚ କାରବାର, ଓ ଭୋଟରମାନଙ୍କୁ ପ୍ରଲୋଭିତ ଏବଂ ଭୟଭୀତ କରିବା ଭଳି ଅସଦାଚରଣ ଓ ଭ୍ରଷ୍ଟାଚାର ରୋକିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ବିଧେୟ । ଏ ସବୁର ଉଲ୍ଲଘଂନ ସକାଶେ ଆଇନଗତ ପଦକ୍ଷେପମାନ ଗ୍ରହଣ କରାଯିବା ଉଚିତ୍ ।
- **ସାଧାରଣ ନିର୍ବାଚନ ଓ ଉପ-ନିର୍ବାଚନ ବେଳେ ଆଚରଣ ବିଧିର ପ୍ରୟୋଗ କହିଲେ କଅଣ ବୁଝାଏ ?**
- ଲୋକସଭା ଲାଗି ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ବେଳେ ସମଗ୍ର ଦେଶରେ ଆଚରଣ ବିଧି ଲାଗୁ କରାଯାଏ ।
- ବିଧାନସଭା ଲାଗି ଅନୁଷ୍ଠିତ ସାଧାରଣ ନିର୍ବାଚନ ବେଳେ ଆଚରଣବିଧି ସମଗ୍ର ରାଜ୍ୟରେ ଲାଗୁ କରାଯାଏ ।
- ଉପନିର୍ବାଚନ ବେଳେ ଯେଉଁ ଜିଲାର ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେହି ଜିଲାର ସମଗ୍ର ଅଞ୍ଚଳରେ ଆଚରଣ ବିଧି ଲାଗୁ କରାଯାଏ ।
- **ଆଦର୍ଶ ଆଚରଣ ବିଧିର ମୁଖ୍ୟ ବୈଶିଷ୍ଟ୍ୟମାନ କ'ଣ ?**
- ଆଦର୍ଶ ଆଚରଣ ବିଧିର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ରାଜନୀତିକ ଦଳ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ତଥା ଶାସନରେ ଥିବା ଦଳ(ଗୁଡ଼ିକ) ନିର୍ବାଚନ ପ୍ରଚାର ବେଳେ, ସଭାସମିତି କଲାବେଳେ, ଶୋଭା ଯାତ୍ରାରେ ଗଲାବେଳେ ଓ ଭୋଟ ଦାନ ଦିନ ବିଭିନ୍ନ କାର୍ଯ୍ୟକଳାପରେ ସାଧାରଣତଃ କିପରି ଭାବରେ ସେମାନେ ଆଚରଣବିଧି ପାଳନ କରିବେ ।
- **ଆଦର୍ଶ ଆଚରଣବିଧି କେତେବେଳେ କାର୍ଯ୍ୟକାରୀ ହୁଏ ? ଏହା କାହା ପ୍ରତି ଓ କେଉଁଠାରେ ଲାଗୁ କରାଯାଏ ?**
- ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ନିର୍ବାଚନ ଅନୁସୂଚୀ ଘୋଷଣା ହେବା ତାରିଖ ଠାରୁ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୁଏ ଓ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ତାହା ବଳବତ୍ତର ହୋଇ ରହେ। ଏହା ସମସ୍ତ ରାଜନୀତିକ ଦଳ ଓ କେନ୍ଦ୍ର ତଥା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ପ୍ରତି ମଧ୍ୟ ଲାଗୁ କରାଯାଏ । ସମସ୍ତ ରାଜନୀତିକ ଦଳ, ପ୍ରାର୍ଥୀ ଓ କେନ୍ଦ୍ର ତଥା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ସରକାର

ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରିବେ ଯାହାକି ଦେଶର ସମସ୍ତ ରାଜନୀତିକ ଦଳର ସର୍ବସମ୍ମତିକ୍ରମେ ପ୍ରସ୍ତୁତ ଏକ ଅନନ୍ୟ ଦସ୍ତାବିଜ୍ ।

## ପଦାଧିକାରୀମାନଙ୍କ ଲାଗି ଆଦର୍ଶ ଆଚରଣବିଧି

- ନିର୍ବାଚନ ଅନୁଷ୍ଠିତ ହେବା ଲାଗି ଘୋଷଣା କରାଯିବା ପରେ ମନ୍ତ୍ରୀମଣ୍ଡଳ ଓ କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ରାଜନୀତିକ ଦଳ ମଧ୍ୟରେ ସରକାରୀ ଭାବରେ କୌଣସି ଭିଡିଓ କନ୍‌ଫରେନ୍‌ସିଂ ହେବା ଉଚିତ ନୁହେଁ। (କମ୍ପେଡିୟମ ଖଣ୍ଡ-3ର ଅନୁଦେଶ କ୍ର.ସଂ. 29, ଇସିଆଇ ପତ୍ର ସଂ. 437/6/2004-ପିଏଲ୍‌ଏନ୍ ତା. 30.12.2004)

## ମନ୍ତ୍ରୀ/ଚେୟାରମ୍ୟାନ୍/କମିଶନଙ୍କ ସଦସ୍ୟଙ୍କ ଲାଗି ଆଦର୍ଶ ଆଚରଣବିଧି

**ମନ୍ତ୍ରୀଙ୍କ ଦ୍ୱାରା ସରକାରୀ ପରିଦର୍ଶନ :**

- ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ଯେଉଁ ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ଯେଉଁଦିନ ଘୋଷଣା କରାଯାଇଛି ସେହିଦିନ ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେପରି କୌଣସି ନିର୍ବାଚନ ମଣ୍ଡଳୀକୁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ ସରକାରୀଭାବେ ପରିଦର୍ଶନ କରିପାରିବେ ନାହିଁ ।

**ମନ୍ତ୍ରୀଙ୍କ ଦ୍ୱାରା ନିର୍ବାଚନ ସଂପର୍କିତ ଅଧିକାରୀମାନଙ୍କୁ ଡକାଇବା :**

- ଯେଉଁ ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ଘୋଷଣା କରାଯାଇଛି ସେହି ନିର୍ବାଚନ ମଣ୍ଡଳୀ ବା ରାଜ୍ୟର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ କୌଣସି ମନ୍ତ୍ରୀ ଉକ୍ତ ନିର୍ବାଚନ ମଣ୍ଡଳୀ ବାହାରେ ଥିବା କୌଣସି ସ୍ଥାନ ବା କାର୍ଯ୍ୟାଳୟ ବା ଗେଷ୍ଟ୍ ହାଉସ୍‌କୁ ସରକାରୀ ଆଲୋଚନା ସକାଶେ ସେହି ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବା ସକାଶେ ଘୋଷଣା ହେବା ତାରିଖ ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଡାକିବେ ନାହିଁ ।
- (ଅନୁଦେଶ କ୍ର.ସଂ. 56 ଇସି ପତ୍ର ସଂ. 437/6/96/ପିଏଲ୍‌ଏନ-III ତା 17.01.1996)
- **<u>ବ୍ୟତିକ୍ରମ</u> : ଆଇନ ଶୃଙ୍ଖଳା ଭଙ୍ଗ ହେଲେ ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ତାହାକୁ ପର୍ଯ୍ୟବେକ୍ଷଣ/ ସମୀକ୍ଷା/ ସହାୟତା ପ୍ରଦାନ ଲାଗି ଯେବେ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ଆବଶ୍ୟକ ପଡ଼େ ତେବେ ସେପରି ସ୍ଥଳେ ସଂପୃକ୍ତ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଭାବେ ସଂପୃକ୍ତ ନିର୍ବାଚନ ମଣ୍ଡଳୀକୁ ସରକାରୀ ଭାବରେ ପରିଦର୍ଶନ କରି ଉକ୍ତ ନିର୍ବାଚନ ମଣ୍ଡଳୀର ବାହାରେ ଥିବା କୌଣସି ସ୍ଥାନକୁ ନିର୍ବାଚନ ସମ୍ପର୍କିତ ଯେକୌଣସି ଅଧିକାରୀଙ୍କୁ ଡକାଇପାରିବେ ।**
- (ଅନୁଦେଶ କ୍ର.ସଂ 75 ସ୍ତମ୍ଭ – 2011, ଇସି ପତ୍ର – 437/6/2007 – ପିଏଲ୍‌ଏନ୍ – III, ତା 23/11/ 2007)

**ମନ୍ତ୍ରୀମାନଙ୍କ ଦ୍ୱାରା ନିର୍ବାଚନ ସଭାର ଆୟୋଜନ :**

- କୌଣସି ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଯେ କୌଣସି ସଭାର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଛାଡି ଅନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବେସରକାରୀ ବ୍ୟକ୍ତିମାନଙ୍କ ଦ୍ୱାରା କରାଯିବ, କିନ୍ତୁ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯିବନାହିଁ ।
- **କୌଣସି ମନ୍ତ୍ରୀ ତାଙ୍କର ମନୋନୟନ ପତ୍ର ଦାଖଲ କରିବା ସକାଶେ ତଥା ତା'ପରେ ତାହାଙ୍କ ନିର୍ବାଚନ ମଣ୍ଡଳୀକୁ କରିଥିବା ଗସ୍ତକୁ ନିର୍ବାଚନ ପ୍ରକ୍ରିୟା ଲାଗି କରାଯାଇଛି ବୋଲି ଧରିନିଆଯିବ ।**
- (ପରିଶିଷ୍ଟ – 1, ସର୍କୁଲାର ପତ୍ର ସଂ. 10/17/89 – ଏମ୍ ଆଣ୍ଡ ଜି., ତା. 01.11.1989ର ନକଲ)
- ସାଧାରଣ ବା ଉପନିର୍ବାଚନ ବେଳେ ଭାରତର ଅନ୍ୟ ଯେକୌଣସି ସ୍ଥାନକୁ **ମନ୍ତ୍ରୀମାନଙ୍କର ରାଜନୀତିକ ବା ବ୍ୟକ୍ତିଗତ ପରିଦର୍ଶନ ସହିତ କୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ସରକାରୀ ପରିଦର୍ଶନ କରାଯାଇ ପାରିବ ନାହିଁ ।** ଯେଉଁଠାରେ ଆଚରଣ ବିଧି ବଳବତ୍ତର ରହିଛି ସେପରି କୌଣସି ନିର୍ବାଚନ ମଣ୍ଡଳୀ ବା ଜିଲାକୁ **କୌଣସି ମନ୍ତ୍ରୀ ସରକାରୀ କାର୍ଯ୍ୟରେ ଗସ୍ତ କଲେ ସେଠାରେ ରହଣି କରିପାରିବେ ନାହିଁ** ଓ କୌଣସି ପ୍ରକାର ରାଜନୀତିକ କାର୍ଯ୍ୟକଳାପରେ ଯୋଗ ଦେବେ ନାହିଁ ।
- (ଅନୁଦେଶ କ୍ର.ସଂ.57, ଇସି ପତ୍ର ସଂ. 437/6/7/2004/ପିଏଲ୍ଏନ୍ – III ତା. 28/12/2004)
- ଅନୁଦେଶ କ୍ର. ସଂ-75, କଲ-2011,EC ପତ୍ର ସଂ-437/6/7/2004/ପି.ଏଲ.ଏନ୍-III,ତା. 23/11/2007

**ମନ୍ତ୍ରୀଙ୍କ ଦ୍ୱାରା ସାଧାରଣତନ୍ତ୍ର ଉତ୍ସବରେ ସମ୍ମାନ ପ୍ରଦାନ :**

- କୌଣସି କେନ୍ଦ୍ରମନ୍ତ୍ରୀ/ରାଜ୍ୟମନ୍ତ୍ରୀ ବା ରାଜ୍ୟରେ ଥିବା ଅନ୍ୟ କୌଣସି ରାଜନୀତିକ କର୍ମକର୍ତ୍ତା / ପୂର୍ବତନ ସାଂସଦ ନିର୍ବାଚନ ପ୍ରକିୟା ଚାଲିଥିବା ବେଳେ ସେ ଯେଉଁ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀରୂପେ ପ୍ରତିଦ୍ୱନ୍ଦ୍ୱିତା କରୁଥିବେ ବା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇଚ୍ଛା କରୁଥିବେ ସେମାନଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ସେପରି କୌଣସି ସ୍ଥାନରେ ସମ୍ମାନିତ କରାଯିବ ନାହିଁ ।

**ମନ୍ତ୍ରୀଙ୍କ ଦ୍ୱାରା ଉତ୍ସବରେ ଅଂଶଗ୍ରହଣ:**

- କେନ୍ଦ୍ରମନ୍ତ୍ରୀ/ରାଜ୍ୟମନ୍ତ୍ରୀମାନେ "ସଦ୍‌ଭାବନା ଦିବସ" ପାଳନ ଅବସରରେ ଉକ୍ତ ଉତ୍ସବରେ ଅଂଶଗ୍ରହଣ କରିପାରିବେ ମାତ୍ର ସେମାନଙ୍କର ବକ୍ତୃତା କେବଳ ଐକ୍ୟ ସ୍ଥାପନ ପାଇଁ ସୀମିତ ରହିବ (ଅନୁଦେଶ କ୍ର. ସଂ. 7 ଇସିଆଇ ପତ୍ର ସଂ. 437/6/99 - ପିଏଲ୍ ଏନ୍ -111, ତା. 16.08.1999)

**ସଙ୍କେତ ଆଲୋକ ସହିତ ପାଇଲଟ କାର ବା କାର ବ୍ୟବହାର :**

- ନିର୍ବାଚନ ସଂକ୍ରାନ୍ତୀୟ ପରିଦର୍ଶନବେଳେ ମନ୍ତ୍ରୀଙ୍କ ଦ୍ୱାରା ସଙ୍କେତ ଆଲୋକ ଥାଇ କୌଣସି ପାଇଲଟ୍ କାର୍ ବା କାର (ଗୁଡିକ) ବା ସାଇରନ୍ ଥିବା କୌଣସି ପ୍ରକାର କାର୍, ଯାହାକି ତାହାଙ୍କ ଉପସ୍ଥିତିକି ଭୋଟରଙ୍କୁ ଆକୃଷ୍ଟ କରୁଥିବ, ବ୍ୟବହୃତ ହେବନାହିଁ ।
- (ଅନୁଦେଶ କ୍ର.ସଂ. 75 ସ୍ତମ୍ଭ – 2011 ଇସିପତ୍ର ସଂ. 437/6/2007–ପିଏଲ୍ ଏନ୍ – 111, ତା. 23.11.2007)

**ନିର୍ବାଚନ ପ୍ରଚାରରେ ସରକାରୀ ଗାଡ଼ିର ବ୍ୟବହାର :**

ନିର୍ବାଚନ ବେଳେ ନିର୍ବାଚନ ପ୍ରଚାର, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ ବା ନିର୍ବାଚନ ସଂପର୍କିତ ଗସ୍ତରେ ସରକାରୀ ଗାଡ଼ି ବ୍ୟବହାର କରିବା ଲାଗି ସଂପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ।

**ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କର ବେସରକାରୀ ଭାବେ ଗସ୍ତ:**

- କେନ୍ଦ୍ର ବା ରାଜ୍ୟ ସରକାରଙ୍କର କୌଣସି ମନ୍ତ୍ରୀ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ନିଜର ବ୍ୟକ୍ତିଗତ ଗାଡ଼ି ବ୍ୟବହାର କରି ବେସରକାରୀ ଭାବେ ଗସ୍ତ କରିପାରିବେ ।

**ମନ୍ତ୍ରୀଙ୍କର ବେସରକାରୀ ଗସ୍ତ ଓ ତାହାଙ୍କ ସରକାରୀ କର୍ମଚାରୀବୃନ୍ଦ:**

- ମନ୍ତ୍ରୀମାନଙ୍କର ସେପରି ବେସରକାରୀ ଗସ୍ତ କଲାବେଳେ ତାଙ୍କର ବ୍ୟକ୍ତିଗତ ସରକାରୀ କର୍ମଚାରୀମାନେ ତାହାଙ୍କ ସହିତ ଗସ୍ତ କରିପାରିବେ ନାହିଁ ।

**ଜରୁରୀ ପରିସ୍ଥିତିରେ ମନ୍ତ୍ରୀଙ୍କ ଦ୍ୱାରା ଗସ୍ତ:**

- ଯେବେ କୌଣସି କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀ କେତେକ ଜରୁରୀ ପରିସ୍ଥିତିରେ ତାହାଙ୍କ ସଦର ମହକୁମା ବାହାରେ ସଂପୂର୍ଣ୍ଣ ରୂପେ ସରକାରୀ କାର୍ଯ୍ୟରେ ଗସ୍ତ କରନ୍ତି ଯାହାକି ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରିହାର କରିହେବ ନାହିଁ ତେବେ ସେପରି ସ୍ଥଳେ ସେ ଯେଉଁଠାକୁ ଗସ୍ତ କରୁଛନ୍ତି ସେହି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ସଂପୃକ୍ତ ବିଭାଗର ଶାସନ ସଚିବ ସେହି ମର୍ମରେ ଏକ ପତ୍ର ପଠାଇବେ ଓ ଉକ୍ତ ପତ୍ରର ଏକ ନକଲ ମଧ୍ୟ କମିଶନଙ୍କ ନିକଟକୁ ପଠାଇବେ ।
- ଜରୁରୀକାଳୀନ ପରିସ୍ଥିତିରେ ଗସ୍ତ କଲାବେଳେ ସଂପୃକ୍ତ ମନ୍ତ୍ରୀଙ୍କୁ ତାହାଙ୍କ ସରକାରୀ ଗସ୍ତ ଲାଗି ମୁଖ୍ୟ ଶାସନ ସଚିବ ତାହାଙ୍କୁ ସରକାରୀ ଗାଡ଼ି ଓ ବାସୋପଯୋଗୀ ସୁବିଧା ତଥା ଅନ୍ୟାନ୍ୟ ସାଧାରଣ ସୁବିଧା - ସୁଯୋଗ ଯୋଗାଇଦେବେ ।
- ଅବଶ୍ୟ ସେପରି ସରକାରୀ ଗସ୍ତର ଠିକ୍ ପୂର୍ବରୁ ବା ଗସ୍ତ କଲାବେଳେ ବା ସେହି ଗସ୍ତର ଅନୁବୃତ୍ତି କ୍ରମେ କୌଣସି ମନ୍ତ୍ରୀ କୌଣସି ପ୍ରକାର ନିର୍ବାଚନ ପ୍ରଚାର ବା ରାଜନୀତିକ କାର୍ଯ୍ୟକଳାପରେ ଲିପ୍ତ ରହି ପାରିବେ ନାହିଁ ।
- କେନ୍ଦ୍ର ବା ରାଜ୍ୟସରକାରଙ୍କ କୌଣସି ମନ୍ତ୍ରୀ ନିର୍ବାଚନ କାର୍ଯ୍ୟସହିତ ସଂପୃକ୍ତ କୌଣସି ଅଧିକାରୀଙ୍କୁ ନିର୍ବାଚନ ଅନୁଷ୍ଠିତ ହେବାଲାଗି ଘୋଷଣା ହେବା ଦିନ ଠାରୁ ନିର୍ବାଚନ ଅବଧି ମଧ୍ୟରେ କୌଣସି ପ୍ରକାର ସରକାରୀ ଆଲୋଚନା ପାଇଁ ଡାକି ପାରିବେ ନାହିଁ ।
- ମାତ୍ର ଏଥିରେ କେବଳ ଗୋଟିଏ ମାତ୍ର ବ୍ୟତିକ୍ରମ ରହିଛି, ତାହାହେଲା ଯେତେବେଳେ କୌଣସି ବିଭାଗର ଦାୟିତ୍ୱରେ ଥିବା କୌଣସି ମନ୍ତ୍ରୀ ବା ସଂପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେଲେ ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ବା ସେପରି ଅନ୍ୟ କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ସେତେବେଳେ ସେମାନେ କୌଣସି ନିର୍ବାଚନ ମଣ୍ଡଳୀକୁ ଗସ୍ତ କରିପାରିବେ ।

- ମନ୍ତ୍ରୀମାନେ କେବଳ ସରକାରୀ କାର୍ଯ୍ୟରେ ସେମାନଙ୍କର ସରକାରୀ ଯାନରେ ସରକାରୀ ବାସଭବନରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗସ୍ତ କରିପାରିବେ ପରନ୍ତୁ ସେପରି ଗସ୍ତ ସହିତ କୌଣସି ନିର୍ବାଚନ ସଂପର୍କିତ କାର୍ଯ୍ୟରେ ବା ଅନ୍ୟ ଯେ କୌଣସି ରାଜନୀତିକ କାର୍ଯ୍ୟକଳାପରେ ଲିପ୍ତ ହେବେ ନାହିଁ ।
- କେନ୍ଦ୍ର ବା ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେମାନଙ୍କର ସରକାରୀ ଗସ୍ତ କାର୍ଯ୍ୟକ୍ରମ ସହିତ ନିର୍ବାଚନ ସଂପର୍କିତ କାର୍ଯ୍ୟକୁ ଏକତ୍ର କରିପାରିବେ ନାହିଁ ।

**ରାଜ୍ୟର ଅର୍ଥ ବ୍ୟୟ କରି ଆମୋଦ ପ୍ରମୋଦ କରିବାକୁ ନିଷେଧ କରାଯଇଛି :**

- ରାଜ୍ୟର ଅର୍ଥବ୍ୟୟ କରି ମନ୍ତ୍ରୀଙ୍କ ଦ୍ୱାରା ଇଫତାର ପାର୍ଟି ଭଳି କୌଣସି ଧାର୍ମିକ ଉତ୍ସବର ଆୟୋଜନ କରିବା ନେଇ ନିଷେଧ କରାଯାଇଛି । (ଅନୁଦେଶ କ୍ର. ସଂ. 10 ଇସି ପତ୍ର ସଂ. ଇସିଆଇ/ଜିଇ ୨୮–437/6/ବି ଆର୍/୨୮-ପିଏଲ୍ ଏନ୍- III, ତା. 27.01.1998)

**କବି ସମ୍ମିଳନୀ କରିବା ପାଇଁ ବାରଣ ନାହିଁ**

- ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ କବି ସମ୍ମିଳନୀ, ମୁସାରି ବା ଅନ୍ୟାନ୍ୟ ସାଂସ୍କୃତିକ ଉତ୍ସବର ଆୟୋଜନ କରିବା ଓ ଉକ୍ତ ଉତ୍ସବପାଳନ ଅବସରରେ କେନ୍ଦ୍ରମନ୍ତ୍ରୀ, ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟାନ୍ୟ ରାଜନୀତିକ କାର୍ମକର୍ତ୍ତାମାନେ ଯୋଗଦେବାରେ କୌଣସି ପ୍ରକାର ବାରଣ କରାଯାଇନାହିଁ । ଅବଶ୍ୟ ସେହି ଉତ୍ସବରେ ଯୋଗ ଦେବାବେଳେ ଉପସ୍ଥିତ ପଦାଧିକାରୀମାନେ ଯେପରି କୌଣସି ରାଜନୀତିକ ବକ୍ତୃତା ନ ଦିଅନ୍ତି ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ । (ଅନୁଦେଶ କ୍ର.ସଂ. 5, ଇସିଆଇ ପତ୍ର ସଂ. 437/6/୨୮–ପିଏଲ୍ ଏନ୍ – III, ତା. 10.01.1998) ।

**ମନ୍ତ୍ରୀଙ୍କର ବେସରକାରୀ ଗସ୍ତରେ ସରକାରୀ କର୍ମଚାରୀମାନଙ୍କର ଯୋଗଦାନ:**

- ଯେଉଁ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେଠାରେ ମନ୍ତ୍ରୀଙ୍କର ବେସରକାରୀ ଗସ୍ତ ବେଳେ କୌଣସି ସରକାରୀ କର୍ମଚାରୀ ଯଦି ତାହାଙ୍କୁ ଭେଟନ୍ତି ତେବେ ସେବା ନିୟମାବଳୀ ଅନୁସାରେ ଅସଦାଚରଣ ଯୋଗୁଁ ସେ ଦୋଷୀ ସାବ୍ୟସ୍ତ ହେବେ ଓ ଯଦି ସେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951 ଧାରା 129(1) ରେ ଉଲ୍ଲିଖିତ କର୍ମଚାରୀ ହୋଇଥିବେ ତେବେ ସେହି କର୍ମଚାରୀ ଉକ୍ତ ଧାରାରେ ଥିବା ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିଛନ୍ତି ବୋଲି ବିବେଚନା କରାଯିବ ଓ ତଦଧୀନ ପ୍ରଣୀତ ବ୍ୟବସ୍ଥା ଅନୁସାରେ ସେ ଦଣ୍ଡୀତ ହେବେ ।

**ମନ୍ତ୍ରୀମାନଙ୍କର ସୁରକ୍ଷା:**

- ସରକାରୀ ବା ଅନ୍ୟାନ୍ୟ ପେଶାଦାର ଏଜେନ୍ସି ଦ୍ୱାରା ଧମକ ଦେବା, ଅନୁଭୂତିକୁ ଭିତ୍ତି କରି ନିର୍ଦ୍ଧାରଣ କରାଯାଇଥିବା ମତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ତଥା ରାଜନୀତିକ ଦଳର ଅନ୍ୟାନ୍ୟ ନେତାମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ । ଉକ୍ତ ବ୍ୟକ୍ତିବିଶେଷମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ବୁଲେଟ୍ ରୋଧୀ କାର୍ ଓ ଅନ୍ୟସମସ୍ତ କାର ବାବଦ ବ୍ୟୟ ସଂପୃକ୍ତ ବ୍ୟକ୍ତିବିଶେଷ ବହନ କରିବେ । ଅବଶ୍ୟ ସୁରକ୍ଷା କର୍ମଚାରୀ ବାବଦ ବ୍ୟୟ ସଂପୃକ୍ତ ରାଜ୍ୟ ସରକାର/ କେନ୍ଦ୍ର ଶାସିତ ଅଂଚଳର ସରକାରଙ୍କ ଦ୍ୱାରା ବହନ କରାଯିବ ।

- (ଅନୁଦେଶ କ୍ର. ସଂ. 63, ନିର୍ବାଚନ କମିଶନଙ୍କ ପତ୍ର ସଂ. 437/6/ଜିୟୁଜେ./98-ପିଏଲ୍ଏନ୍-III ତା. 16.01.98)

**ବିବେକାନୁସାରୀ ପାଣ୍ଠି (ଡିସ୍କ୍ରିସ୍ନାରୀ ଫଣ୍ଡ) ରୁ ଅର୍ଥ ମଂଜୁରି:**

- ନିର୍ବାଚନ ପରିପ୍ରେକ୍ଷୀରେ ମନ୍ତ୍ରୀ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷମାନେ ବିବେକାନୁସାରୀ ପାଣ୍ଠିରୁ ଅନୁଦାନ/ଅର୍ଥ ମଂଜୁର କରିପାରିବେନାହିଁ । (ଅନୁଦେଶ ସଂ. 52 ନିର୍ବାଚନ କମିଶନଙ୍କ ପତ୍ର ସଂ.576/17/84, ତା.9.11.1984)

**କମିଶନଙ୍କ ସରକାରୀ ଗସ୍ତ:**

- ନିର୍ବାଚନବେଳେ ପରିସ୍ଥିତି ସେଭଳି ଜରୁରୀ ବା ଅପରିହାର୍ଯ୍ୟ ହୋଇନଥିଲେ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ସମସ୍ତ କମିଶନ ସଦସ୍ୟମାନେ ସେମାନଙ୍କର ସରକାରୀ ଗସ୍ତ ଘୁଞ୍ଚାଇ ଦେବେ ।
- ସେପରି ଗସ୍ତ ସମୟରେ କମିଶନଙ୍କ ଚେୟାର୍‌ମ୍ୟାନ୍/ ସଦସ୍ୟମାନେ, ମନ୍ତ୍ରୀ / ରାଜନେତାମାନଙ୍କୁ ଭେଟିବେ ନାହିଁ ଓ ଜନସାଧାରଣଙ୍କୁ ଶୁଣାଣି କରିବା ବା ଲୋକ ମାନଙ୍କୁ ସାକ୍ଷାତ୍ କରିବା ଉଚିତ୍ ନୁହେଁ ।

## ରାଜନୀତିକ ଦଳ ଓ ପ୍ରାର୍ଥୀମାନଙ୍କ ଲାଗି ଆଦର୍ଶ ଆଚରଣବିଧି (ଏମ୍‌ସିସି)

**ଜାତି, ଧର୍ମ ଓ ସଂପ୍ରଦାୟକୁ ଭିତ୍ତିକରି ନିର୍ବାଚନ ପ୍ରଚାର କରିବା ନିଷେଧ ।**

- ବିଭିନ୍ନ ଜାତି, ସଂପ୍ରଦାୟ ଓ ଧର୍ମ ବା ଭାଷାଭାଷି ଲୋକମାନଙ୍କ ମଧ୍ୟରେ ପରସ୍ପର ଘୃଣା ବା ଉତ୍ତେଜନା ସୃଷ୍ଟି ହେଲାଭଳି କୌଣସି କାର୍ଯ୍ୟକଳାପ, କୌଣସି ଦଳ ବା ପ୍ରାର୍ଥୀ କରିବେ ନାହିଁ ।
- ଅନ୍ୟ-ରାଜନୀତିକ ଦଳଗୁଡ଼ିକୁ ସମାଲୋଚନା କଲାବେଳେ ସଂପୃକ୍ତ ଦଳର ନୀତି ଓ କାର୍ଯ୍ୟକଳାପ ତଥା ଅତୀତ କାର୍ଯ୍ୟାବଳୀ ମଧ୍ୟରେ ସୀମିତ ରହିବ । ଅନ୍ୟ ଦଳର ନେତା ବା କର୍ମୀମାନଙ୍କର ସର୍ବସାଧାରଣ କାର୍ଯ୍ୟକଳାପ ସହ ସଂପୃକ୍ତ ହୋଇନଥିବା ତଥା ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଘଟିଥିବା କାର୍ଯ୍ୟାବଳୀ ବିଷୟରେ ସମାଲୋଚନା କରିବାରୁ ପ୍ରତ୍ୟେକ ଦଳ ଓ ପ୍ରାର୍ଥୀ ନିବୃତ୍ତ ରହିବେ । ପ୍ରମାଣିତ ହୋଇନଥିବା ଅଭିଯୋଗ ବା ମିଥ୍ୟା ବର୍ଣ୍ଣନା କରି ଅନ୍ୟାନ୍ୟ ଦଳ ବା ସେମାନଙ୍କର କର୍ମୀମାନଙ୍କୁ ସମାଲୋଚନା କରିବା ପରିହାର କରାଯିବ ।

**ଭୋଟରମାନଙ୍କୁ ହାତେଇବା ଲାଗି ନିବେଦନ**

- ଭୋଟ ପାଇବା ଲାଗି କୌଣସି ଜାତି ବା ସାଂପ୍ରଦାୟିକ ଭାବନା ନେଇ ଭୋଟରମାନଙ୍କୁ ନିବେଦନ କରାଯିବ ନାହିଁ ।

**ଭ୍ରଷ୍ଟାଚାର ପରିହାର**

- ସମସ୍ତ ରାଜନୀତିକ ଦଳ ଓ ପ୍ରାର୍ଥୀ ଭୋଟରମାନଙ୍କୁ ଲାଞ୍ଚ ପ୍ରଦାନ, ଭୟ ପ୍ରଦର୍ଶନ ଓ ଭୋଟରମାନଙ୍କର ମିଥ୍ୟା ପରିଚୟ ପ୍ରଦାନ, ଭୋଟ ଗ୍ରହଣ କେନ୍ଦ୍ରର 100 ମିଟର ମଧ୍ୟରେ ଭୋଟରମାନଙ୍କୁ ଭୋଟ ପାଇଁ ନିବେଦନ, ଭୋଟ ଦାନ ବନ୍ଦ ପାଇଁ ଧାର୍ଯ୍ୟ ହୋଇଥିବା ସମୟ ଶେଷ ହେବାର 48 ଘଣ୍ଟା ମଧ୍ୟରେ ସର୍ବସାଧାରଣ ସଭା ଅନୁଷ୍ଠିତ

କରିବା ଏବଂ ଭୋଟରମାନଙ୍କୁ ଭୋଟ ଦାନ କେନ୍ଦ୍ରକୁ ନେବା ଓ ଆଣିବା ଭଳି 'ଭ୍ରଷ୍ଟାଚାର' ତଥା ନିର୍ବାଚନ ଆଇନ ଅନୁଯାୟୀ ଅପରାଧଜନକ କାର୍ଯ୍ୟକଳାପମାନ ସମସ୍ତ ରାଜନୀତିକ ଦଳ ଓ ପ୍ରାର୍ଥୀ କଡ଼ାକଡ଼ି ଭାବେ ପରିହାର କରିବେ ।

**ଚରିତ୍ର / ବ୍ୟକ୍ତିଗତ ଆକ୍ଷେପ ପରିହାର :**

- ପ୍ରତ୍ୟେକ ବ୍ୟକ୍ତିବିଶେଷ ଯେପରି ଶାନ୍ତିପୂର୍ଣ୍ଣ ଓ ସୁଖପ୍ରଦ ଜୀବନ ଯାପନ କରିପାରିବେ ସେଥିପାଇଁ ସେହି ଅଧିକାର ପ୍ରତି ମାନ୍ୟତା ପ୍ରଦାନ କରାଯିବ । ଅବଶ୍ୟ ଅଧିକାଂଶ ରାଜନୀତିକ ଦଳ / ପ୍ରାର୍ଥୀ ତାଙ୍କର ରାଜନୀତିକ ମତ ଓ କାର୍ଯ୍ୟକଳାପକୁ ପ୍ରତିହତ କରିପାରିବେ । ସେମାନଙ୍କର ମତ ବା କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରତିରୋଧ ମାଧ୍ୟମରେ କୌଣସି ବ୍ୟକ୍ତିବିଶେଷଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ ବା ପିକେଟିଂ କରିବାକୁ ଯେ କୌଣସି ପରିସ୍ଥିତିରେ ମଧ୍ୟ ବରଦାସ୍ତ କରାଯିବ ନାହିଁ ।

**ନିର୍ବାଚନ ପ୍ରଚାର ଲାଗି ବେସରକାରୀ ସଂପତ୍ତିର ବ୍ୟବହାର :**

- ଯେକୌଣସି ବ୍ୟକ୍ତିବିଶେଷଙ୍କ ଜମି, କୋଠା, ପାଚେରୀ କାନ୍ଥ ଇତ୍ୟାଦିରେ ତାହାଙ୍କ ଅନୁମତି ନନେଇ କୌଣସି ରାଜନୀତିକ ଦଳ ବା ପ୍ରାର୍ଥୀ ନିଜେ ବା ତାହାଙ୍କ ଅନୁଗାମୀମାନଙ୍କ ଦ୍ୱାରା ପତାକା ଲଗାଇବେ ନାହିଁ, ବ୍ୟାନର୍ ଝୁଲାଇବେ ନାହିଁ, ନୋଟିସ୍ ମାରିବେ ନାହିଁ ଓ ସ୍ଲୋଗାନ୍ ଇତ୍ୟାଦି ଲେଖିବେ ନାହିଁ ।

**ବାହାର ଦଳ / ପ୍ରାର୍ଥୀମାନଙ୍କୁ ନିର୍ବାଚନ ପ୍ରଚାରରେ ସମ୍ମାନ ପ୍ରଦର୍ଶନ :**

- ଅନ୍ୟାନ୍ୟ ଦଳ ଦ୍ୱାରା ଆୟୋଜିତ ସଭା ଓ ଶୋଭାଯାତ୍ରାରେ ରାଜନୀତିକ ଦଳ ଓ ପ୍ରାର୍ଥୀ ତଥା ସେମାନଙ୍କର ସମର୍ଥକମାନେ ଯେପରି କୌଣସି ପ୍ରକାର ବାଧାବିଘ୍ନ ସୃଷ୍ଟି ନକରନ୍ତି ସେଥିପ୍ରତି ଦୃଷ୍ଟି ଦେବେ । କୌଣସି ଏକ ରାଜନୀତିକ ଦଳର କର୍ମୀ ବା ସମର୍ଥକମାନେ  ଅନ୍ୟ ଏକ ରାଜନୀତିକ ଦଳ ଦ୍ୱାରା ଆୟୋଜିତ ସର୍ବସାଧାରଣ ସଭାରେ ମୌଖିକ ବା ଲିଖିତ ପ୍ରଶ୍ନ ପଚାରି ବା ନିଜ ଦଳର ପ୍ରଚାର ପୁସ୍ତିକା ବାଣ୍ଟି କୌଣସି ପ୍ରକାରର ଗଣ୍ଡଗୋଳ ସୃଷ୍ଟି କରିବେ ନାହିଁ । ଗୋଟିଏ ଦଳର ସଭା ଚାଲିଥିବା ବେଳେ ସେହି ବାଟ ଦେଇ ଅନ୍ୟ ଏକ ଦଳର ଶୋଭାଯାତ୍ରା ଯିବ ନାହିଁ । କୌଣସି ଏକ ଦଳର ଲଗାଯାଇଥିବା ପୋଷ୍ଟରକୁ ଅନ୍ୟ ଦଳର କର୍ମୀ କାଢି ନେବେ ନାହିଁ ।

**ରାଜନୀତିକ ଦଳ / ପ୍ରାର୍ଥୀଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ବାବଦ ବ୍ୟୟ :**

- ଯେକୌଣସି ବ୍ୟକ୍ତି (ପ୍ରଧାନମନ୍ତ୍ରୀଙ୍କ ସମେତ) ନିର୍ବାଚନ ପ୍ରଚାର ବା ନିର୍ବାଚନ ଜନିତ କାର୍ଯ୍ୟରେ ବ୍ୟବହୃତ / ସଭାମଞ୍ଚ ପ୍ରସ୍ତୁତି ଇତ୍ୟାଦି ଭଳି ସୁରକ୍ଷା ବାବଦ ବ୍ୟୟ ସଂପୃକ୍ତ ରାଜନୀତିକ ଦଳ ଦ୍ୱାରା ବହନ କରାଯିବ ।
- (ଅନୁଦେଶ କ୍ର.ସଂ. 55 ଇ.ସି. (ନିର୍ବାଚନ କମିଶନ)ଙ୍କ ପତ୍ର ସଂ. 437/6/ଇଏସ୍ 0025/94/ଏମ୍ ସିଏସ୍ ତା. 21.10.1994)

**ବିଜ୍ଞାପନ / ପେଡ଼ ନିଉଜ ମାଧ୍ୟମରେ ନିର୍ବାଚନ ପ୍ରଚାର**

- ସିଇଓଙ୍କ ଦ୍ୱାରା ଗଠିତ କମିଟିଙ୍କ ଦ୍ୱାରା ଟିଭି ଚାନେଲ୍ ଓ କେବୁଲ୍ ନେଟ୍‌ୱାର୍କ୍ ମାଧ୍ୟମରେ ଯେକୌଣସି ରାଜନୀତିକ ଦଳ ଦ୍ୱାରା ପ୍ରସାରିତ ହେଉଥିବା ସମସ୍ତ ପ୍ରକାର ବିଜ୍ଞାପନକୁ ସମୀକ୍ଷା, ତନ୍ନ ତନ୍ନ ପରୀକ୍ଷା ନିରୀକ୍ଷା ତଥା ପ୍ରମାଣିତ କରାଯିବ ।
- ବିଜ୍ଞାପନର ପ୍ରମାଣନ (ସାର୍ଟିଫିକେସନ୍) ସଂପର୍କିତ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ/କେନ୍ଦ୍ର ଶାସିତ ଅଂଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନେ ମଧ୍ୟ କମିଟି ଗଠନ କରିବା ଆବଶ୍ୟକ ।
- (ଅନୁଦେଶ କ୍ର.ସଂ. 77 କଲ୍-2011, ଇସି ପତ୍ର ସଂ. 509/75/2004/ଜେଏସ୍-1 ତା. 15.4.2004)

**ରାଜ୍ୟଭବନ / ସଦନ / ଗେଷ୍ଟ୍ ହାଉସ୍ / ଆଇବି / ରେଷ୍ଟ୍‌ସେଡ୍‌ରେ ରାଜନୀତିକ ଦଳଗୁଡ଼ିକର ସଭା :**

- ଦିଲ୍ଲୀରେ ଥିବା ରାଜ୍ୟ ଗେଷ୍ଟ ହାଉସ୍, ଅତିଥି ଭବନ ଓ ସଦନର କୌଣସି ଅଂଶରେ ଦଳୀୟ ମିଟିଂ, ପ୍ରେସ୍ କନ୍‌ଫରେନ୍ସ ତଥା ପରାମର୍ଶ ଦେବା ଭଳି କୌଣସି ପ୍ରକାରର କାର୍ଯ୍ୟକଳାପ ପାଇଁ କୌଣସି ରାଜନୀତିକ ଦଳ ଦ୍ୱାରା ସେଗୁଡ଼ିକ ବ୍ୟବହୃତ ହେବ ନାହିଁ ।
- (ଅନୁଦେଶ କ୍ର.ସଂ. 4, ନିର୍ବାଚନ କମିଶନ ପତ୍ର ସଂ. 437/6/98-ପିଏଲ୍‌ଏନ୍-III, ତା. 08.01.1998) (ପୁଲିସ୍ ଅଧିକାରୀମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୋଜ୍ୟ ହେବ)
- ଏପରିକି ସରକାରୀ ଗେଷ୍ଟ୍ ହାଉସ୍‌ର ପରିସର ମଧ୍ୟରେ ରାଜନୀତିକ ଦଳର ସଦସ୍ୟମାନଙ୍କ ଦ୍ୱାରା ସାମୟିକ ସଭା କରିବାକୁ ଅନୁମତି ଦିଆଯିବ ନାହିଁ (ପୋଲିସ୍ ଅଧିକାରୀମାନଙ୍କ ପ୍ରତି ମଧ୍ୟ ଏହି ନିୟମ ପ୍ରଯୋଜ୍ୟ ହେବ)।
- ଗେଷ୍ଟ୍ ହାଉସ୍‌ରେ ରହିବା ପାଇଁ ଯେଉଁ ବ୍ୟକ୍ତିଙ୍କୁ ତାହା ଆବଣ୍ଟନ କରାଯାଇଛି ସେହି ବ୍ୟକ୍ତିଙ୍କ ଗାଡ଼ି ସହିତ, ସେହି ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ସର୍ବାଧିକ ଆଉ ଦୁଇଟି ଗାଡ଼ି ଗେଷ୍ଟ୍ ହାଉସ୍ ପରିସରରେ ରହିବା ପାଇଁ ଅନୁମତି ଦିଆଯିବ (ପୁଲିସ୍ ଅଧିକାରୀଙ୍କ ପ୍ରତି ମଧ୍ୟ ଏହା ପ୍ରଯୋଜ୍ୟ ହେବ)।
- କୌଣସି ବ୍ୟକ୍ତି ବିଶେଷଙ୍କୁ 48 ଘଣ୍ଟାରୁ ଅଧିକ ସମୟ ରହଣି ପାଇଁ ଗେଷ୍ଟ୍ ହାଉସ୍‌ର ପ୍ରକୋଷ୍ଠ ଯୋଗାଇ ଦିଆଯିବ ନାହିଁ ।
- ଅବଶ୍ୟ କୌଣସି ନିର୍ଦ୍ଦିଷ୍ଟ ଅଂଚଳରେ ଭୋଟ୍ ଗ୍ରହଣ ଶେଷ ହେବାର 48 ଘଣ୍ଟା ପୂର୍ବରୁ ସେପରି ଗେଷ୍ଟ୍ ହାଉସ୍ ଆବଣ୍ଟନକୁ ଭୋଟ ଗ୍ରହଣ ବା ପୁନଃ-ଭୋଟ ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ କରିଦିଆଯିବ। (ସିଓଏଲ୍-2011ର ଅନୁଦେଶ କ୍ର.ସଂ. 72, ନିର୍ବାଚନ କମିଶନଙ୍କ ପତ୍ର ସଂ. 437/6/38/2004-ଏପିଏଲ୍‌ଏନ୍-III; ତା. 06.04.2004)
- ଯେଉଁଠାରେ ନିର୍ବାଚନ ଅନୁଷ୍ଠିତ ହେବା ଲାଗି ଘୋଷଣା କରାଯାଇଛି ସେଠାରେ ରାଜ୍ୟ ତରଫରୁ ଜେଡ୍ ସିକ୍ୟୁରିଟି ଯୋଗାଇ ଦିଆଯାଉଥିବା ରାଜନୀତିକ କର୍ମକର୍ତ୍ତାମାନଙ୍କୁ ସରକାରୀ ଗେଷ୍ଟ୍ ହାଉସରେ ବାସ ସୁବିଧା ଯୋଗାଇ ଦିଆଯାଇପାରିବ ମାତ୍ର ନିର୍ବାଚନ ସହିତ ସଂପୃକ୍ତ ଅନ୍ୟାନ୍ୟ ପଦାଧିକାରୀ ବା ପର୍ଯ୍ୟବେକ୍ଷକମାନଙ୍କୁ ସେପରି ବାସୋପଯୋଗୀ ସୁବିଧା ଆବଣ୍ଟନ କରାଯାଇ ନାହିଁ/ଯୋଗାଇ ଦିଆଯାଇ ନାହିଁ ।
- ସରକାରୀ ଗେଷ୍ଟ୍ ହାଉସ୍‌ରେ ରହିବା ବେଳେ ସେଠାରେ କୌଣସି ପ୍ରକାରର ରାଜନୀତିକ କାର୍ଯ୍ୟକଳାପ କରିବାକୁ ଅନୁମତି ଦିଆଯିବ ନାହିଁ ।

- (ସିଓଏଲ୍-2011ର ଅନୁଦେଶ କ୍ର.ସଂ. 73, ଇସିଙ୍କ ପତ୍ର ସଂ. 437/6/2006-ପିଏଲ୍ଏନ୍(ଭଲ୍ୟୁମ୍-II)
- କ୍ଷମତାରେ ଥିବା ଦଳ ବା ତାହାଙ୍କର ପ୍ରାର୍ଥୀଙ୍କ ଦ୍ୱାରା ସରକାରୀ ରହଣୀ ସୁବିଧା ଯୋଗାଇ ଦେବା ବ୍ୟବସ୍ଥାକୁ ଏକଚାଟିଆ କରାଯିବ ନାହିଁ । ତାହା ନୀତିନିୟମ ଅନୁସାରେ ଯୋଗାଇ ଦିଆଯିବ ।
- କୌଣସି ଦଳ ବା ପ୍ରାର୍ଥୀ, ସରକାରୀ ରହଣୀ ସୁବିଧାକୁ ତାଙ୍କର ପ୍ରଚାର ପାଇଁ କାର୍ଯ୍ୟାଳୟ ରୂପେ ବ୍ୟବହାର କରିବେ ନାହିଁ ବା ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ସେଠାରେ ସର୍ବସାଧାରଣ ସଭା କରିପାରିବେ ନାହିଁ ।
- କୌଣସି କର୍ମକର୍ତ୍ତା ଯେପରି ସର୍କିଟ ହାଉସ୍, ଡାକ ବଙ୍ଗଳାକୁ ଭୋଟ ପ୍ରଚାର ପାଇଁ କାର୍ଯ୍ୟାଳୟ ଭାବରେ ବ୍ୟବହାର ନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ।

**କ'ଣ କରିବା ଉଚିତ୍ ଓ କ'ଣ କରିବା ଉଚିତ ନୁହେଁ :**

- ନିର୍ବାଚନ ଅନୁଷ୍ଠିତ ହେବା ଲାଗି ଘୋଷଣା ହେବା ଦିନ ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ପ୍ରାର୍ଥୀ ଓ ରାଜନୀତିକ ଦଳମାନେ କ'ଣ କରିବା ଉଚିତ ଓ କ'ଣ କରିବା ଉଚିତ ନୁହେଁ ନିର୍ବାଚନ କମିଶନ ତାହାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ।
- କ'ଣ କରିବା ଉଚିତ୍ ଓ କ'ଣ କରିବା ଉଚିତ ନୁହେଁ ତାହାର ତାଲିକା କେବଳ ସ୍ପଷ୍ଟ ଭାବେ ବୁଝାଇ ଦିଆଯାଇଛି ମାତ୍ର ତାହା ସୁବିସ୍ତୃତ ନୁହେଁ ଓ ତହିଁରେ ଅନ୍ୟ କୌଣସି ନିର୍ଦ୍ଦେଶ/ଅନୁଦେଶ ଯୋଗ ବା ପରିବର୍ତ୍ତନ କରାଯିବ ନାହିଁ ଯାହାକୁ କି କଡ଼ାକଡ଼ି ଭାବେ ପାଳନ ତଥା ଅନୁସରଣ କରାଯିବ ।

**କ'ଣ କରିବା ଉଚିତ :**

- ନିର୍ବାଚନ ଅନୁଷ୍ଠିତ ହେବା ଲାଗି ଘୋଷଣା ହେବା ପୂର୍ବରୁ ଯେଉଁ ସବୁ କାର୍ଯ୍ୟକ୍ରମ ପ୍ରକୃତରେ ଆରମ୍ଭ କରାଯାଇଥିବ ସେହି ସବୁ କାର୍ଯ୍ୟକ୍ରମ ଚାଲୁ ରହିବ ।
- ବନ୍ୟା, ମରୁଡ଼ି ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ସହାୟତା ଓ ଥଇଥାନ କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଇପାରିବ ଓ ସେଗୁଡ଼ିକ ଚାଲୁ ରହିପାରିବ ।
- ଅନ୍ତିମ ବା ସଙ୍କଟମୟ ଅବସ୍ଥାରେ ଚିକିତ୍ସିତ ହେଉଥିବା ଅସୁସ୍ଥ ବ୍ୟକ୍ତିମାନଙ୍କୁ ନଗଦ ଟଙ୍କା ବା ଚିକିତ୍ସା ସୁବିଧା ଯୋଗାଇ ଦେବା ଲାଗି ଅନୁମୋଦନ ନେବା ପରେ ତାହା ଚାଲୁ ରହିପାରିବ ।
- ନିର୍ବାଚନ ସଂକ୍ରାନ୍ତୀୟ ସଭା କରିବା ପାଇଁ ସମସ୍ତ ଦଳ / ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ କୌଣସି ପକ୍ଷପାତିତା ନକରି ମଇଦାନ ଭଳି ସର୍ବସାଧାରଣ ସ୍ଥାନ ଯୋଗାଇ ଦିଆଯିବ। ସେହିଭଳି ସମସ୍ତ ଦଳ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ ମଧ୍ୟ କୌଣସି ପକ୍ଷପାତିତା ନକରି ହେଲିପ୍ୟାଡ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ।
- ଅନ୍ୟାନ୍ୟ ରାଜନୀତିକ ଦଳ ଓ ପ୍ରାର୍ଥୀମାନଙ୍କୁ ସେମାନଙ୍କର ନୀତି, କାର୍ଯ୍ୟକ୍ରମ, ଅତୀତର କାର୍ଯ୍ୟକ୍ରମ ତଥା ଅତୀତର କାର୍ଯ୍ୟାବଳୀକୁ ନେଇ ସମାଲୋଚନା କରାଯିବା ଉଚିତ୍ ।
- ପ୍ରତ୍ୟେକ ନାଗରିକ ଯେପରି ଶାନ୍ତିପୂର୍ଣ୍ଣ ତଥା ନିରାପଦ ଭାବରେ ନିଜ ନିଜର ପାରିବାରିକ ଜୀବନ ଅତିବାହିତ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ବିଧେୟ ।

- ସ୍ଥାନୀୟ ପୁଲିସ୍ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବିତ ସଭାର ସ୍ଥାନ ଓ ତାରିଖ ସଂବନ୍ଧରେ ଜଣାଇବା ସହିତ ସେଥିପାଇଁ ଆବଶ୍ୟକ ହେଉଥିବା ଅନୁମତି ନେବା ଉଚିତ୍ ।
- ସଭା କରିବା ଲାଗି ଉଦ୍ଦିଷ୍ଟ ସ୍ଥାନ ପାଇଁ ଯଦି କୌଣସି କଟକଣାତ୍ମକ ବା ନିଷେଧାତ୍ମକ ଆଦେଶ ବଳବତ୍ତର ଥିବ ତେବେ ସେଥିରୁ ଛାଡ଼ ପାଇବା ପାଇଁ ଯଥେଷ୍ଟ ଆଗରୁ ଆବେଦନ କରାଯିବ ଓ ସେଥିପାଇଁ ଅନୁମତି ଆଣିବାକୁ ପଡ଼ିବ ।
- ପ୍ରସ୍ତାବିତ ସଭାରେ ଲାଉଡ୍‌ସ୍ପିକର ଓ ସେହିଭଳି ସୁବିଧା ଥାଇ ଅନ୍ୟ କୌଣସି ଜିନିଷ ବ୍ୟବହାର କରିବା ଲାଗି ପୁଲିସ୍/ସକ୍ଷମ ପ୍ରାର୍ଥୀକାରୀଙ୍କର ଅନୁମତି ପୂର୍ବରୁ ଆଣିବାକୁ ପଡ଼ିବ ।
- ଯଦି କୌଣସି ବ୍ୟକ୍ତି ବିଶେଷ ସଭାରେ ଶାନ୍ତି ଶୃଙ୍ଖଳା ଭଙ୍ଗ କରୁଥାନ୍ତି କିମ୍ବା ଅନ୍ୟ କିଛି ବାଶୃଙ୍ଖଳା କରୁଥାନ୍ତି, ପୋଲିସର ସହାୟତା ନିଆଯିବା ଉଚିତ୍ ।
- ଯେଉଁବାଟ ଦେଇ ଶୋଭାଯାତ୍ରା ଯିବ ସେଠାରେ କୌଣସି କଟକଣାତ୍ମକ ଆଦେଶ ବଳବତ୍ତର ଥିଲେ ତାହା ସଂପୂର୍ଣ୍ଣ ରୂପେ ପାଳନ କରାଯିବା ସହିତ ଟ୍ରାଫିକ୍ ନିୟମ ତଥା ଅନ୍ୟାନ୍ୟ କଟକଣା ମଧ୍ୟ ଅନୁପାଳନ କରାଯିବ ।
- ଯାତାୟତ ପାଇଁ କୌଣସି ବ୍ୟାଘାତ ସୃଷ୍ଟି ନକରି ଶୋଭାଯାତ୍ରାର ମାର୍ଗ ନିରୂପଣ କରାଯିବ ।
- ଭୋଟ ଗ୍ରହଣ ଯେପରି ଶାନ୍ତିଶୃଙ୍ଖଳାର ସହିତ ହୋଇପାରିବ ସେଥିପାଇଁ ନିର୍ବାଚନ ଅଧିକାରୀମାନଙ୍କୁ ସହଯୋଗ କରିବା ଉଚିତ୍ ।
- ସମସ୍ତ କର୍ମୀ ନିଶ୍ଚିତରୂପେ ବ୍ୟାଜ୍ ବା ପରିଚୟ ପତ୍ର ଲଗାଇବେ ।
- ଭୋଟରମାନଙ୍କୁ ଯୋଗାଇ ଦିଆଯାଉଥିବା ବେସରକାରୀ ପରିଚୟ ଚିର୍କୁଟ୍ ସାଦା(ଧଳା) କାଗଜରେ ଦିଆଯିବ । ସେଥିରେ ପ୍ରାର୍ଥୀଙ୍କର କୌଣସି ଚିହ୍ନ, ନାମ ବା ଦଳର ନାମ ରହିବ ନାହିଁ ।
- ଭୋଟ ପ୍ରଚାର ବେଳେ ଓ ଭୋଟ ଗ୍ରହଣ ଦିନ ଗାଡ଼ିର ବ୍ୟବହାର ସଂକ୍ରାନ୍ତରେ ଥିବା କଟକଣାକୁ ପ୍ରାର୍ଥୀ/ ରାଜନୀତି ଦଳଗୁଡ଼ିକ କଡାକଡି ଭାବେ ମାନିବେ ।
- ଭୋଟର ମାନଙ୍କ ବ୍ୟତୀତ, ପ୍ରାର୍ଥୀ ଓ ସେମାନଙ୍କର ନିର୍ବାଚନ/ ପୋଲିଂ ଏଜେଣ୍ଟ୍ ଓ କେବଳ ନିର୍ବାଚନ କମିଶନରଙ୍କଠାରୁ ନିର୍ଦ୍ଦିଷ୍ଟ ଭାବେ ବୈଧ ତଥା ପ୍ରାଧିକୃତ ଅନୁମତି ପତ୍ର ପାଇଥିବା ବ୍ୟକ୍ତିମାନେ ପୋଲିଂ ବୁଥ୍ ମଧ୍ୟକୁ ପ୍ରବେଶ କରିପାରିବେ । ଏପରିକି ଅତି ଉଚ୍ଚମାନର ରାଜନୀତିକ ପଦାଧିକାରୀ ଅର୍ଥାତ୍, ମୁଖ୍ୟମନ୍ତ୍ରୀ, ସାଂସଦ ବା ବିଧାନସଭା  ସଦସ୍ୟମାନେ ଉପରୋକ୍ତ କଟକଣାରୁ ଅବ୍ୟାହତି ପାଇ ପାରିବେ ନାହିଁ ।
- ନିର୍ବାଚନ ପରିଚାଳନା ସଂକ୍ରାନ୍ତୀୟ ଯେକୌଣସି ଅଭିଯୋଗ ବା ସମସ୍ୟା ଆସିଲେ ତାହା ନିର୍ବାଚନ କମିଶନ/ରିଟର୍ଣ୍ଣିଂ ଅଫିସର/ ଜୋନାଲ୍ ବା ସେକ୍ଟର୍ ମାଜିଷ୍ଟ୍ରେଟ୍/ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ବା (ଅବଜରଭର୍)ଙ୍କ ଦୃଷ୍ଟିକୁ ଅଣାଯିବ ।
- ନିର୍ବାଚନର ବିଭିନ୍ନ ଦିଗ ସଂପର୍କିତ ସମସ୍ତ ବିଷୟରେ ନିର୍ବାଚନ କମିଶନ, ରିଟର୍ଣ୍ଣିଂ ଅଫିସର, ଓ ଜିଲା ନିର୍ବାଚନ ଅଧିକାରୀଙ୍କର ନିର୍ଦ୍ଦେଶନାମା/ଆଦେଶ/ଅନୁଦେଶାବଳୀ ପାଳନ କରାଯିବ ।
- ଯଦି ଆପଣ ସଂପୃକ୍ତ ନିର୍ବାଚନମଣ୍ଡଳୀର ଜଣେ ଭୋଟର ବା କୌଣସି ପ୍ରାର୍ଥୀ କିମ୍ବା ପ୍ରାର୍ଥୀଙ୍କର ନିର୍ବାଚନ ଏଜେଣ୍ଟ୍ ହୋଇନଥିବେ ତେବେ ପ୍ରଚାର ଅବଧି ଶେଷ ହେବା ପରେ ଆପଣ ସେହି ନିର୍ବାଚନ ମଣ୍ଡଳୀ ଛାଡି ଚାଲିଯିବେ ।

**କ'ଣ କରିବା ଉଚିତ୍ ନୁହେଁ :**

- କ୍ଷମତାରେ ଥିବା କୌଣସି ଦଳ, ସରକାରଙ୍କର ସଫଳତା ସମ୍ବନ୍ଧୀୟ ଯେକୌଣସି ବିଜ୍ଞାପନ ଲାଗି ସରକାରୀ ତହବିଲରୁ ଅର୍ଥବ୍ୟୟ କରିପାରିବେ ନାହିଁ ।
- କୌଣସି ମନ୍ତ୍ରୀ, ଯଦି ସେ ଜଣେ ପ୍ରାର୍ଥୀ ବା ଭୋଟର ହୋଇ ନଥିବେ ତେବେ ସେ କୌଣସି ଭୋଟ ଗ୍ରହଣ କେନ୍ଦ୍ର ବା ଭୋଟ ଗଣନା କେନ୍ଦ୍ରରେ ପ୍ରବେଶ କରି ପାରିବେ ନାହିଁ ।
- ଭୋଟ ପ୍ରଚାର/ ନିର୍ବାଚନ ପ୍ରକ୍ରିୟା ସହିତ ସରକାରୀ କାର୍ଯ୍ୟ କରିବା ଉଚିତ୍ ହେବ ନାହିଁ ।
- ଭୋଟର ମାନଙ୍କୁ ଆର୍ଥିକ ବା ଅନ୍ୟ କୌଣସି ପ୍ରକାରରେ ପ୍ରଲୋଭିତ କରାଯିବ ନାହିଁ ।
- ଭୋଟର ମାନଙ୍କର ଜାତି/ଧର୍ମ/ବର୍ଣ୍ଣ/ ସଂପ୍ରଦାୟ/ ଭାଷାକୁ ନେଇ ଭୋଟ୍ ଦେବା ଲାଗି ନିବେଦନ କରାଯିବ ନାହିଁ । (ଲୋକ ପ୍ରତିନିଧିତ୍ୱ ଅଧିନିୟମ,1951-ଧାରା-125)
- ବିଭିନ୍ନ ଜାତି, ସଂପ୍ରଦାୟ ବା ଧର୍ମ ବା ବିଭିନ୍ନ ଭାଷାଭାଷୀ ବର୍ଗର ଲୋକମାନଙ୍କ ମଧ୍ୟରେ ବିଭେଦ, ଘୃଣାଭାବ ବୃଦ୍ଧି କରିବା ବା ଭୟ ସୃଷ୍ଟି କଲାଭଳି କୌଣସି ପ୍ରକାରର କାର୍ଯ୍ୟକଳାପ କରିବାକୁ ପ୍ରଚେଷ୍ଟା କରାଯିବ ନାହିଁ ।
- ଅନ୍ୟଦଳର ନେତା ବା କର୍ମୀଙ୍କର ବ୍ୟକ୍ତିଗତ ଜୀବନ ଯାହାକି ସର୍ବସାଧାରଣ କାର୍ଯ୍ୟକଳାପ ସହିତ ଜଡିତ ନୁହେଁ ସେପରି ବିଷୟରେ ସମାଲୋଚନା କରିବାକୁ ଅନୁମତି ଦିଆଯିବ ନାହିଁ ।
- ଆଇନ୍‌ରେ ଥିବା ବ୍ୟବସ୍ଥା ଅନୁସାରେ ଭ୍ରଷ୍ଟାଚାର ଓ ନିର୍ବାଚନ ଅପରାଧ ଭଳି କୌଣସି କାର୍ଯ୍ୟକଳାପ (ଅର୍ଥାତ୍ ଲାଞ୍ଚ, ଅନୁଚିତ ପ୍ରଭାବ, ବେଆଇନ ସଭା ଇତ୍ୟାଦି) କରିବା ନିଷେଧ କରାଯାଇଛି ।
- କୌଣସି ବ୍ୟକ୍ତି ବିଶେଷଙ୍କର ମତ ବା କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରତିବାଦ କରି ତାହାଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ ବା ପିକେଟିଂ କରାଯିବ ନାହିଁ ।
- ଅନ୍ୟାନ୍ୟ ଦଳ ବା ସେମାନଙ୍କର କର୍ମୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ପ୍ରମାଣିତ ହୋଇନଥିଲେ ସେମାନଙ୍କୁ ସମାଲୋଚନା କରାଯିବ ନାହିଁ ।
- ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ବା ଅନ୍ୟ ଯେକୌଣସି ପୂଜାପୀଠରେ ସଭାକରି ବକ୍ତୃତା ଦେବା, ପୋଷ୍ଟର ଇତ୍ୟାଦି ମାରିବା ସମେତ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ ।
- ସ୍ଥାନୀୟ ଚଳଣିର ବଶବର୍ତ୍ତୀ ହୋଇ କେହି ବି କୌଣସି ବ୍ୟକ୍ତିବିଶେଷଙ୍କର ଜମି, କୋଠା, ପ୍ରାଚୀର, ଯାନ ଇତ୍ୟାଦିରେ ସଂପୃକ୍ତ ମାଲିକଙ୍କଠାରୁ ନିର୍ଦ୍ଦିଷ୍ଟ ଅନୁମତି ନ ନେଇ ସେଠାରେ ପତାକା ମାରିବେ ନାହିଁ ବା ସ୍ଲୋଗାନ ଇତ୍ୟାଦି ଲେଖିବେ ନାହିଁ ।
- ଅନ୍ୟାନ୍ୟ ରାଜନୀତିକ ଦଳ ବା ପ୍ରାର୍ଥୀମାନଙ୍କ ଦ୍ୱାରା ଆୟୋଜିତ ସର୍ବସାଧାରଣ ସଭା ବା ଶୋଭାଯାତ୍ରା ବେଳେ କୌଣସି ପ୍ରକାରର ଗଣ୍ଡଗୋଳ ସୃଷ୍ଟି କରିବେ ନାହିଁ । ( ଲୋକ ପ୍ରତିନିଧିତ୍ୱ ଅଧିନିୟମ, 1951ର ଧାରା 127)
- ଗୋଟିଏ ଦଳ ସଭା କରୁଥିବାବେଳେ ସେହି ବାଟଦେଇ ଅନ୍ୟ ଏକ ଦଳର ଶୋଭାଯାତ୍ରା ଯିବ ନାହିଁ ।
- ଶୋଭାଯାତ୍ରାକାରୀମାନେ ଶୋଭାଯାତ୍ରାରେ ଦୁରୁପଯୋଗ ହେଲା ଭଳି କୌଣସି କ୍ଷେପଣାସ୍ତ୍ର ବା ଅସ୍ତ୍ରଶସ୍ତ୍ର ସାଙ୍ଗରେ ନେବେ ନାହିଁ ।
- ଅନ୍ୟାନ୍ୟ ଦଳ ଓ ପ୍ରାର୍ଥୀମାନଙ୍କ ଦ୍ୱାରା ଲଗାଯାଇଥିବା ପୋଷ୍ଟର୍‌ଗୁଡିକୁ କାଢି ନିଆଯିବ ନାହିଁ ବା ସେଗୁଡିକୁ ବିକୃତ କରାଯିବ ନାହିଁ ।

- ଭୋଟଗ୍ରହଣ ଦିନ ବ୍ୟବହୃତ ହେବାଲାଗି ଚିହ୍ନଟ ଚିର୍‌କୁଟ୍ ବଣ୍ଟନ ହେଉଥିବା ସ୍ଥାନରେ ବା ଭୋଟଗ୍ରହଣ କେନ୍ଦ୍ରର 200ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ପୋଷ୍ଟର, ପତାକା, ସଙ୍କେତ (ଚିହ୍ନ) ବା ଅନ୍ୟ ଯେକୌଣସି ପ୍ରକାରର ପ୍ରଚାର ସାମଗ୍ରୀ ପ୍ରଦର୍ଶିତ ହେବ ନାହିଁ ।
- ଚଳମାନ ଯାନରେ ଖଞ୍ଜା ଯାଇଥିବା ଡାକବାଜି ଯନ୍ତ୍ର ସକାଳ 6 ଘଣ୍ଟା ପୂର୍ବରୁ ବା ରାତି 10 ଟା ପରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଲିଖିତ ଅନୁମତି ବିନା ବ୍ୟବହୃତ ହେବ ନାହିଁ ।
- କୌଣସି ବ୍ୟକ୍ତି ଯାହାଙ୍କୁ କି ସୁରକ୍ଷା ଦୃଷ୍ଟିକୋଣରୁ ସରକାରୀ ସୁରକ୍ଷା ଯୋଗାଇ ଦିଆଯାଇଛି ବା ଯାହାଙ୍କର ବ୍ୟକ୍ତିଗତ ସୁରକ୍ଷା ରକ୍ଷୀ ଅଛନ୍ତି ସେମାନଙ୍କୁ ନିର୍ବାଚନ ଏଜେଣ୍ଟ୍, ପୋଲିଂ ଏଜେଣ୍ଟ୍ ବା ଗଣନା ଏଜେଣ୍ଟ୍ ଭାବରେ ନିଯୁକ୍ତି ଦିଆଯିବ ନାହିଁ ।
- ନିର୍ବାଚନ ପ୍ରକ୍ରିୟା ଚାଲୁରହିଥିବା ବେଳେ ମଦ ବା ଯେକୌଣସି ଆକାରରେ ହେଉନା କାହିଁକି ଲାଞ୍ଚ ଆଦି ବଣ୍ଟନ କରାଯିବା ଲାଗି ନିଷେଧ କରାଯାଇଛି ।
- ଯେଉଁ ବ୍ୟକ୍ତିଙ୍କୁ ସୁରକ୍ଷା ଦୃଷ୍ଟିକୋଣରୁ ସରକାରୀ ସୁରକ୍ଷା ଯୋଗାଇ ଦିଆଯାଇଛି ସେ ଭୋଟ ଗ୍ରହଣ ଦିନ ଭୋଟ ଗ୍ରହଣ କେନ୍ଦ୍ରର (100 ମିଟର ମଧ୍ୟରେ) ପରିସର ମଧ୍ୟକୁ ତାଙ୍କର ସୁରକ୍ଷା ଦାୟିତ୍ୱରେ ବ୍ୟକ୍ତି ମାନଙ୍କୁ ନେଇ ପ୍ରବେଶ କରିବେ ନାହିଁ ।
- ସରକାରୀ ସୁରକ୍ଷା ଯୋଗାଇ ଦିଆଯାଇଥିବା ବ୍ୟକ୍ତି ଜଣେ ଭୋଟର ହୋଇଥିବା ସତ୍ତ୍ୱେ ମଧ୍ୟ ସେ ତାଙ୍କର ସୁରକ୍ଷା କର୍ମଚାରୀଙ୍କୁ ସଙ୍ଗରେ ନେଇ ତାଙ୍କର ଯିବା ଆସିବା ଭୋଟଦାନ ପାଇଁ ସୀମିତ ରଖିବେ ।

**ସରକାରୀ ଯାନ ବ୍ୟବହାର ଲାଗି ଆଦର୍ଶ ଆଚରଣ ବିଧି :**

- ନିର୍ବାଚନ କାର୍ଯ୍ୟରେ କୌଣସି ସରକାରୀ ଯାନ ବ୍ୟବହୃତ ହୋଇପାରିବ ନାହିଁ । 'ସରକାରୀ ଯାନ' ଅର୍ଥ ସରକାରଙ୍କର ସମସ୍ତ ପ୍ରକାରର ଯାନ ।
- ସୁରକ୍ଷା ଯୋଗାଇ ଦିଆଯାଇଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟବ୍ୟକ୍ତିଙ୍କ (ପିପି) ଲାଗି ଯୋଗାଇ ଦିଆଯାଇଥିବା ରାଜ୍ୟସରକାରଙ୍କ ଗୋଟିଏ ବୁଲେଟ ରୋଧୀ ଯାନ, ଯେବେ ସୁରକ୍ଷା ଏଜେନ୍ସିଗୁଡିକ ସେପରି ବ୍ୟବହାର ପାଇଁ ବିହିତ କରିଥାନ୍ତି ତେବେ ତାହା ପ୍ରତ୍ୟେକ ଘଟଣାରେ ବ୍ୟବହୃତ ଲାଗି ଅନୁମତି ଦିଆଯିବ ।
- ସୁରକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରାଯାଇନଥିଲେ ସହାୟକ ଯାନ ଭାବରେ ଅଧିକ ସଂଖ୍ୟକ କାର ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ।
- ଯେବେ ସେପରି ବୁଲେଟ୍ ରୋଧୀ ଯାନ ନିର୍ଦ୍ଦିଷ୍ଟ ଭାବେ କୌଣସି ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବ ତେବେ ସେହି ଯାନ ଚାଲିବା ବାବଦ ବ୍ୟୟକୁ ସେହି ବ୍ୟକ୍ତି ପଦରେ ଥାଆନ୍ତୁ ବା ନଥାଆନ୍ତୁ ଓ ସେ ଜଣେ ପ୍ରାର୍ଥୀ ହୋଇଥାଆନ୍ତୁ ବା ହୋଇ ନଥାଆନ୍ତୁ ସେହି ବ୍ୟକ୍ତି ବା ତାହାଙ୍କ ଦଳ ବହନ କରିବେ ।
- କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶନାମା ଅନୁସାରେ ଜେଡ୍ + ସୁରକ୍ଷା ଯୋଗାଇ ଦିଆଯାଇଥିବା ବ୍ୟକ୍ତିମାନଙ୍କୁ ରାଜ୍ୟ ସରକାରଙ୍କର ଏକ ବୁଲେଟ୍ ରୋଧୀ ଯାନ ବ୍ୟବହାର କରିବାକୁ ଅନୁମତି ଦିଆଯିବ ।
- (ଅନୁଦେଶ କ୍ର. ନଂ. 92 ସିଓଏଲ – 2011 ଇସି ପତ୍ର ସଂ. 437/6/2007/ ପିଏଲ୍ଏନ୍ III, ତା.24 ଅକ୍ଟୋବର, 2007)

- ଶୋଭାଯାତ୍ରାରେ ପାଇଲଟ ଗାଡି, ଦେହରକ୍ଷୀ (ଏସ୍କର୍ଟ) ଗାଡି ସହିତ କେତେ ସଂଖ୍ୟକ ଯାନ ଯାଇପାରିବ ତାହା ସ୍ଥିର କଲାବେଳେ ସୁରକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଅନୁଦେଶାବଳୀକୁ କଡାକଡି ଭାବେ ପାଳନ କରାଯିବ ଓ କୌଣସି ପରିସ୍ଥିତିରେ ମଧ୍ୟ ସୁରକ୍ଷା ଯାନକୁ ବାଦ୍‌ଦେଇ ଯାନ ସଂଖ୍ୟା 10 ରୁ ଅଧିକ ହେବନାହିଁ ।
- ଯେ କୌଣସି କାରଣରୁ ହେଉନା କାହିଁକି ଯେବେ କୌଣସି ଦଳ ବା ପ୍ରାର୍ଥୀ ଏକ ବେସରକାରୀ ଏୟାର କ୍ରାଫଟ୍/ ହେଲିକେପଟର ଭଡାରେ ଆଣନ୍ତି ତେବେ ସେହି ବାବଦ ସଂପୂର୍ଣ୍ଣ ବ୍ୟୟ ସଂପୃକ୍ତ ଦଳ ବା ପ୍ରାର୍ଥୀଙ୍କର ନିର୍ବାଚନ ଜନିତ ବ୍ୟୟରେ କୌଣସି ବ୍ୟତିକ୍ରମ ବିନା ଅନ୍ତର୍ଭୁକ୍ତ ହେବ ।
- ଯାନରେ ଖଂଜା ଯାଇଥିବା ଡାକବାଜି ଯନ୍ତ୍ରର ବ୍ୟବହାର ସମେତ କୌଣସି ବ୍ୟକ୍ତିଙ୍କ ସୁରକ୍ଷା ସଂକ୍ରାନ୍ତରେ କୌଣସି ପ୍ରକାର ପରିସ୍ଥିତିରେ ମଧ୍ୟ କୋହଳ କରାଯିବ ନାହିଁ ।
- (ଇସି ପତ୍ର ସଂ.437/6/ଆଇଏନ୍ ଏସ୍.ଟି/ 2010 – ସିସିଆଣ୍ଡବିଇ, ତା. 05.10.2010)
- ଆଇନ୍ ତଥା ତଦଧୀନ ପ୍ରଣୀତ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ଅନନୁସୂଚିତ (ନନ୍ ସିଡ୍ୟୁଲଡ୍) ଫ୍ଲାଇଟ୍ ର ସଂପୂର୍ଣ୍ଣ ରେକର୍ଡ୍ ରଖାଯିବ ।
- (ଅନୁଦେଶ କ୍ର. ନଂ. 62, ଇସି ପତ୍ର ସଂ. 437/6/98 – ପିଏଲ୍ ଏନ୍ -III, ତା. 18/08/1999)
- ସାଧାରଣ ନିର୍ବାଚନ ବେଳେ ନିର୍ବାଚନ ପ୍ରଚାର ବା ନିର୍ବାଚନ ଜନିତ ଗସ୍ତ ଲାଗି ସରକାରୀ ଗାଡି ବ୍ୟବହାର କରିବା ନେଇ ଯାହା ଯାହା କଟକଣା ରହିଛି ସେହି ସବୁ କଟକଣା ରାଜ୍ୟ ବିଧାନସଭାର ବାଚସ୍ପତି ଓ ଉପ ବାଚସ୍ପତିଙ୍କ ପ୍ରତି ମଧ୍ୟ ପ୍ରଯୋଜ୍ୟ ହେବ ।
- (ଅନୁଦେଶ କ୍ର. ସଂ. 63 ଇସି ପତ୍ର ସଂ. 4/2001-1/ଜେ.ଏସ୍. 11, ତା. 30/03/2001)
- ବେସରକାରୀ ବା ସରକାରୀ ଗସ୍ତ ହେଉ କି ନ ହେଉ ସମସ୍ତ ରାଜନୀତିକ କର୍ମକର୍ତ୍ତାମାନେ ପାଇଲଟ୍ କାର, ଯେକୌଣସି ରଙ୍ଗର ସଂକେତ ଲାଇଟ୍ ଓ ଯେ କୌଣସି ପ୍ରକାରର ସାଇରନ୍‌ଯୁକ୍ତ କାର ବ୍ୟବହାର କରିବେନାହିଁ ।
- ରାଜ୍ୟ ପ୍ରଶାସନ ଦ୍ୱାରା ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲେ ମଧ୍ୟ ଉପରୋକ୍ତ କଟକଣା ପ୍ରଯୋଜ୍ୟ ହେବ । ଏତଦ୍ ବ୍ୟତୀତ ସରକାରୀ ଯାନ ହୋଇଥାଉ ବା ବେସରକାରୀ ଯାନ ହୋଇଥାଉ ଉକ୍ତ କଟକଣା ମଧ୍ୟ ଲାଗୁ କରାଯିବ ।

**ମନୋନୟନ ପତ୍ର ଦାଖଲ ବେଳେ (ଯାନର ବ୍ୟବହାର ) :**

- ଆର୍‌ଓ/ ଏଆର୍‌ଓଙ୍କ କାର୍ଯ୍ୟାଳୟର 100 ମିଟର ପରିଧି ମଧ୍ୟକୁ କେବଳ ତିନୋଟି ଯାନ ଯିବା ପାଇଁ ଅନୁମତି ଦିଆଯିବ ।

**ନିର୍ବାଚନ କାର୍ଯ୍ୟକଳାପ ବେଳେ ( ଯାନର ବ୍ୟବହାର )**

- ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ସହିତ ଅନୈତିକ କାର୍ଯ୍ୟକଳାପ କରିବାକୁ ଯାଉଥିବା ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ଯାନ ଉପରେ ସ୍ଥାନୀୟ ପ୍ରଶାସନ କଡା ନଜର ରଖିବା ଉଚିତ୍ ।
- ରାଜନୀତିକ ଦଳ ଦ୍ୱାରା ନିର୍ବାଚନଜନିତ କାର୍ଯ୍ୟକଳାପ ଲାଗି ବ୍ୟବହୃତ ଭିଡ଼ିଓ ଭ୍ୟାନ୍ ସକାଶେ ସିଇଓ ଅନୁମତି ପତ୍ର (ପରମିଟ୍) ଦେବେ ।

- ସାଇକେଲ, ରିକ୍ସା ମଧ୍ୟ ଏକ ଯାନ, ଯଦି ସେହି ଯାନ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହୃତ ହୋଇଥାଏ, ତେବେ ସେ ବାବଦ ବ୍ୟୟ ସଂପୃକ୍ତ ପ୍ରାର୍ଥୀଙ୍କର ନିର୍ବାଚନ ହିସାବକୁ ନିଆଯିବ ।
- (ଅନୁଦେଶ କ୍ର. ନଂ. 76, ସିଓଏଲ୍ – 2011, ଇସି ପତ୍ର ସଂ. 437/6/2006-ପିଏଲ୍ଏନ୍-III, ତା 23/11/2007
- ସୁରକ୍ଷା ଯାନକୁ ବାଦ୍ ଦେଇ ସୁରକ୍ଷା ସହଚର ଭାବେ ବ୍ୟବହାର କରାଯାଉଥିବା ଯାନ କୌଣସି ପ୍ରକାରେ ୧୦ଟିରୁ ଅଧିକ ହେବା ଉଚିତ୍ ନୁହେଁ ।
- (ଅନୁଦେଶ କ୍ର.ସଂ. 110, ସିଓଏଲ୍-୨୦୧୧, ଇସି ପତ୍ର ସଂଖ୍ୟା 437/6/ଆଇଏନ୍ଏସ୍ଟି/୨୦୧୦-ସିସି ଏଣ୍ଡ ବିଇ, ତା 5/10/2010)
- ଯେ କୌଣସି ନିର୍ବାଚନ ମଣ୍ଡଳୀରେ ଅଧିସୂଚନା ଜାରି ହେବା ତାରିଖଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ, ତାହାଙ୍କ ସହିତ ଯାଉଥିବା ବ୍ୟକ୍ତି ଓ ଦଳର ଅନ୍ୟାନ୍ୟ ନେତାଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଯାନ ଉପରେ ଜିଲା ପ୍ରଶାସନ ଦ୍ୱାରା ତୀକ୍ଷ୍ଣ ଦୃଷ୍ଟି ରଖାଯିବ ଓ ସେ ସଂପର୍କିତ କମିଶନଙ୍କ ଅନୁଦେଶାବଳୀ ଯେପରି କଡାକଡି ଭାବେ ପାଳନ କରାଯିବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯିବ ।
- ଉପରୋକ୍ତ ମତେ ଧାର୍ଯ୍ୟହୋଇଥିବା ଯାନ ସଂଖ୍ୟାରୁ ଯଦି କୌଣସି ବ୍ୟକ୍ତି ଅଧିକ ସଂଖ୍ୟକ ରକ୍ଷା ସହଚର ଯାନ ବ୍ୟବହାର କରନ୍ତି ତେବେ ସେପରି ସ୍ଥଳେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯନ୍ତ ସେହି ଯାନ ଗୁଡିକ ଯେପରି ଆଉ ବ୍ୟବହୃତ ନ ହୁଏ ଜିଲା ପ୍ରଶାସନ ସେଥିପ୍ରତି ସଜାଗ ରହିବେ ।
- ନିର୍ବାଚନ ପ୍ରଚାର ଆରମ୍ଭ ହେବା ପୂର୍ବରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ପ୍ରଚାର କଲାବେଳେ ବ୍ୟବହାର କରିଥିବା ସମସ୍ତ ଯାନର ବିସ୍ତୃତ ବିବରଣୀ ଜିଲା ନିର୍ବାଚନ ଅଧିକାରୀ ବା ତଦୁପଲକ୍ଷ୍ୟେ ଜିଲା ନିର୍ବାଚନ ଅଧୀକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟଭାବେ ପ୍ରାଧିକୃତ ହୋଇଥିବା ସେପରି ଅନ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।
- ଏତଦ୍ ବ୍ୟତୀତ ନିର୍ବାଚନ ପ୍ରଚାରରେ ଯେବେ ଆଉ ଅଧିକ ଯାନ ବ୍ୟବହୃତ ହେବାର ଥାଏ ତେବେ ସେ ବିଷୟରେ ସଂପୃକ୍ତ ପ୍ରାର୍ଥୀ ବା ତାଙ୍କର ଏଜେଣ୍ଟଙ୍କ ଦ୍ୱାରା ସେପରି ଯାନ ବ୍ୟବହାର କରିବା ବହୁ ପୂର୍ବରୁ ସେ ବିଷୟରେ ଜଣାଇବେ ।
- ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେଉଥିବା ଯାନଗୁଡିକର ବିସ୍ତୃତ ବିବରଣୀ ଜଣାଇବା ବେଳେ ସେଗୁଡ଼ିକ କେଉଁ ଅଞ୍ଚଳ ଓ ତହସିଲ୍‌ରେ (ଗୁଡିକରେ) ଚଳାଚଳ କରିବ ସେ ବିଷୟରେ ମଧ୍ୟ ଜଣାଇବେ ।
- ମିଳିଥିବା ସେପରି ବିସ୍ତୃତ ବିବରଣୀକୁ ଜିଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକଙ୍କୁ ଜଣାଇ ଦିଆଯିବା ଉଚିତ୍ ।
- ପ୍ରାର୍ଥୀ ବା ତାହାଙ୍କ ନିର୍ବାଚନ ଏଜେଣ୍ଟଙ୍କ ଦ୍ୱାରା ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଥିବା ମତେ ନିର୍ବାଚନ ପ୍ରଚାରରେ ଯେଉଁ ସବୁ ଯାନ ବ୍ୟବହୃତ ହୋଇଛି ସେଗୁଡିକ ଜିଲା ପ୍ରଶାସନ ଦ୍ୱାରା ବରାଦ କରାଯିବ ନାହିଁ ।
- ଜିଲା ପ୍ରଶାସନ ଦ୍ୱାରା ନିର୍ବାଚନ ପ୍ରଚାର ଲାଗି ପଂଜୀକୃତ ନହୋଇ କୌଣସି ଯାନ ଯଦି ନିର୍ବାଚନ ପ୍ରଚାର ପାଇଁ ବ୍ୟବହୃତ ହେଉଛି ବୋଲି ଜଣାପଡେ ତେବେ ସେପରିସ୍ଥଳେ ସଂପୃକ୍ତ ପ୍ରାର୍ଥୀଙ୍କ ପାଇଁ ଅପ୍ରାଧିକୃତ ଭାବେ ନିର୍ବାଚନ ପ୍ରଚାର କରାଯାଉଛି ବୋଲି ବିବେଚିତ ହେବ ଓ ସେ ଭାରତୀୟ ଦଣ୍ଡ ସଂହିତାର ଅଧ୍ୟାୟ IX A ରେ ଥିବା ବ୍ୟବସ୍ଥା ଅନୁଯାୟୀ ଦଣ୍ଡନୀୟ ହେବେ । ସୁତରାଂ ସେହି ଯାନକୁ ତତକ୍ଷଣାତ୍ ନିର୍ବାଚନ ପ୍ରଚାର କାର୍ଯ୍ୟରୁ କାଢି ଦିଆଯିବ ।

- ( ଅନୁଦେଶ କ୍ର. ସଂ. 59 ଇସି ପତ୍ର ସଂଖ୍ୟା 437/6/97 – ପିଏଲ୍ ଏନ୍ – III, ତା. 18/03/1997 )
- ଭୋଟ ଗ୍ରହଣ ଦିନ ପୋଲିଂ ଓ ଭୋଟ ଗଣନା କାର୍ଯ୍ୟ ତଦାରଖ ତଥା ପର୍ଯ୍ୟବେକ୍ଷଣ ଉଦ୍ଦେଶ୍ୟରେ ରାଜନୀତିକ ଦଳର କୌଣସି ନେତା ବେସରକାରୀ ଏୟାରକ୍ରାଫ୍ଟ ଓ ହେଲିକେପ୍ଟର୍ ବ୍ୟବହାର କରିବେ ନାହିଁ ।
- (ଅନୁଦେଶ କ୍ର. ସଂ. 64, ଇସି ପତ୍ର ସଂ. 4/2001 /ଜେ.ଏସ୍ II, ତା. 08.05.2001)
- ମନ୍ତ୍ରୀମାନେ ସେମାନଙ୍କର ସରକାରୀ ବାସଭବନରୁ ସରକାରୀ କାର୍ଯ୍ୟ ଲାଗି ସେମାନଙ୍କ କାର୍ଯ୍ୟାଳୟକୁ ସରକାରୀ ଗାଡ଼ି ବ୍ୟବହାର କରିପାରିବେ ମାତ୍ର ସେପରି ଯିବା ଆସିବା ସହିତ ନିର୍ବାଚନ କାର୍ଯ୍ୟକଳାପ ବା କୌଣସି ରାଜନୀତିକ କାର୍ଯ୍ୟ କରିବେ ନାହିଁ ।
- ଯେକୌଣସି ପରିସ୍ଥିତିରେ କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀମାନେ ସେମାନଙ୍କର ସରକାରୀ ଗସ୍ତ ସହିତ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ କରିବେ ନାହିଁ ।

**ଭୋଟ ଗ୍ରହଣ ଚାଲୁଥିବା ବେଳେ (ଯାନର ବ୍ୟବହାର) :**

- ଭୋଟରମାନଙ୍କୁ ମାଗଣାରେ ନେବା ଆଣିବା ସକାଶେ ଗାଡ଼ି ଭଡ଼ାରେ ଆଣିବା / ଯୋଗାଡ଼ କରିବା / ବ୍ୟବହାର କରିବା ଭ୍ରଷ୍ଟାଚାର ଅଟେ ।
- ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ତାଙ୍କ ନିଜ ପାଇଁ ଗୋଟିଏ ଗାଡ଼ି, ତାଙ୍କର ନିର୍ବାଚନ ଏଜେଣ୍ଟଙ୍କ ପାଇଁ ଗୋଟିଏ ଗାଡ଼ି ଓ ସମଗ୍ର ନିର୍ବାଚନ ମଣ୍ଡଳୀ ପାଇଁ ତାଙ୍କର ଦଳ ବା କର୍ମୀମାନେ ବ୍ୟବହାର କରିବା ଲାଗି ଗୋଟିଏ ଗାଡ଼ି ପାଇଁ ହକ୍‌ଦାର ଅଟନ୍ତି ।
- ଜିଲା ମାଜିଷ୍ଟ୍ରେଟ୍ (ଡିଏମ୍)/ରିଟର୍ଣ୍ଣିଂ ଅଫିସର୍ (ଆର୍‌ଓ) ଦ୍ୱାରା ପୂର୍ବୋକ୍ତ ଯାନଗୁଡ଼ିକ ଲାଗି ଅନୁମତି ପତ୍ର (ପର୍‌ମିଟ୍) ଦିଆଯିବ ଓ ତାହା ସଂପୃକ୍ତ ଯାନରେ ନିଶ୍ଚିତରୂପେ ଲଗାଯିବ ।
- ବିନା ଅନୁମତି ପତ୍ର (ପର୍‌ମିଟ୍)ରେ କୌଣସି ଯାନ ବ୍ୟବହୃତ ହେବ ନାହିଁ ।
- ପ୍ରାର୍ଥୀ/କର୍ମୀ/ଦଳ ସକାଶେ ଚାରି ଚକରୁ ଅଧିକ ଚକ ବିଶିଷ୍ଟ ଯାନ (ଗାଡ଼ି) ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ।
- କୌଣସି ଯାନ (ଗାଡ଼ି)ରେ ଚାଳକ (ଡ୍ରାଇଭର୍)କୁ ମିଶାଇ 5 ଜଣରୁ ଅଧିକ ଲୋକ ଯିବାକୁ ଅନୁମତି ଦିଆଯିବ ନାହିଁ।
- ଉପରେ ବର୍ଣ୍ଣିତ ଅନୁଦେଶାବଳୀ ଦୁଇଚକିଆ ଯାନ ଲାଗି ମଧ୍ୟ ପ୍ରଯୋଜ୍ୟ ହେବ। ନିର୍ବାଚନ ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟ ଲାଗି ଯାନର ପ୍ରକୃତ ତଥା ଯଥାର୍ଥ ବ୍ୟବହାର କରିବା ଲାଗି କୌଣସି କଟକଣା ନାହିଁ ।
- (ଅନୁଦେଶ କ୍ର.ସଂ. 64, ଇସି ପତ୍ର ସଂ. 4/2001 /ଜେ.ଏସ୍ II, ତା. 08.05.2001)
- ଯେବେ କୌଣସି କେନ୍ଦ୍ର / ରାଜ୍ୟ ମନ୍ତ୍ରୀ ମୁଖ୍ୟତଃ ସରକାରୀ କାର୍ଯ୍ୟରେ ତାଙ୍କର ସଦର ମହକୁମା ବାହାରେ ଥିବା କୌଣସି ସ୍ଥାନକୁ କେତେକ ଜରୁରୀ କାର୍ଯ୍ୟରେ ଗସ୍ତ କରନ୍ତି ଯାହାକି ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ତେବେ ସେପରି ସ୍ଥଳେ ସଂପୃକ୍ତ ବିଭାଗର ଶାସନ ସଚିବଙ୍କ ଠାରୁ ସେହି ମର୍ମରେ ଏକ ପତ୍ର ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇବେ ଓ ସେହି ପତ୍ରର ଏକ ନକଲ କମିଶନ୍‌ଙ୍କୁ ଦେବେ ।

- ଜରୁରୀ କାର୍ଯ୍ୟରେ ଗସ୍ତ କଲାବେଳେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ମନ୍ତ୍ରୀଙ୍କୁ ତାଙ୍କର ସରକାରୀ ଗସ୍ତ ପାଇଁ ସରକାରୀ ଗାଡ଼ି ଓ ବାସ ସୁବିଧା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗମାନ ଯୋଗାଇ ଦେବେ ।
- ଅବଶ୍ୟ ସେପରି ସରକାରୀ ଗସ୍ତର ଠିକ୍ ପୂର୍ବରୁ, ବା ଗସ୍ତ ସମୟ ମଧ୍ୟରେ କୌଣସି ମନ୍ତ୍ରୀ କୌଣସି ପ୍ରକାରର ନିର୍ବାଚନ ପ୍ରଚାର ବା ରାଜନୀତିକ କାର୍ଯ୍ୟକଳାପ କରିପାରିବେ ନାହିଁ ।

**ରାଜ୍ୟ / କେନ୍ଦ୍ର ସରକାରଙ୍କ ଲାଗି ଆଦର୍ଶ ଆଚରଣ ବିଧି (ଏମ୍‌ସିସି) :**

- **ନିମ୍ନୋକ୍ତ ସଂକ୍ରାନ୍ତରେ କୌଣସି ଘୋଷଣା କରିବାକୁ ନିଷେଧାଜ୍ଞା ଦିଆଯାଇଛି।**
  1. **ନୂତନ ପରିଯୋଜନା (ପ୍ରୋଜେକ୍ଟ)**
  2. **କାର୍ଯ୍ୟକ୍ରମ (ପ୍ରୋଗ୍ରାମ)**
  3. **ରିହାତି (କନସେଶନ୍)**
  4. **ଯେ କୌଣସି ଆକାରରେ ଆର୍ଥିକ ଅନୁଦାନ**
  5. **ଭୋଟର୍‌ମାନଙ୍କୁ ପ୍ରଭାବିତ କଲାଭଳି କୌଣସି ପ୍ରତିଶ୍ରୁତି :**
- ଯେ କୌଣସି ପଲିସି, ବିତ୍ତୀୟ ପଦକ୍ଷେପ, କରଧାର୍ଯ୍ୟ ସଂପର୍କିତ ବିଷୟ ଇତ୍ୟାଦିରେ ସାହାଯ୍ୟ/ଫାଇଦା ଘୋଷଣା କରିବା ଲାଗି କମିଶନ୍‌ଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ ।
- ନୂତନ ପରିକଳ୍ପନା (ସ୍କିମ୍) ଓ ଚାଲୁରହିଥିବା ପରିକଳ୍ପନା (ସ୍କିମ୍) ଗୁଡିକୁ ମଧ୍ୟ ସେହି ଏକା ପ୍ରକାରର କଟକଣା ରହିଛି।
- ଆର୍ଥିକ ନୀତି ବିଷୟରେ ନିଷ୍ପତ୍ତି ନେବା ସକାଶେ ଆର୍ ବି ଆଇ ସେମାନଙ୍କର କାର୍ଯ୍ୟାବଳୀ ଚାଲୁ ରଖିପାରିବେ ।
- ସରକାରୀ ଏଜେନ୍ସି ଗୁଡିକ ଦ୍ୱାରା ନିମ୍ନୋକ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହି ପାରିବ ।
  1. ଆବଶ୍ୟକ ମଂଜୁରୀ ପାଇବା ପରେ ପ୍ରକୃତରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ୍
  2. ପ୍ରଚଳିତ ପ୍ରୋଜେକ୍ଟ୍ ଅଧୀନରେ ଏନ୍.ଆର୍.ଇ.ଜି.ଏ. ରେ ପଂଜୀକୃତ ହିତାଧିକାରୀ ମାନେ ଅନ୍ତର୍ଭୁକ୍ତ ହୋଇପାରିବେ।
  3. ସଂପୂର୍ଣ୍ଣ ହୋଇଥିବା ନିର୍ମାଣ କାର୍ଯ୍ୟ / କୌଣସି ନିର୍ମାଣ କାର୍ଯ୍ୟର କିଛି ଅଂଶ ପାଇଁ ପାଣ୍ଠି ପ୍ରଦାନ କରିବା ନେଇ କୌଣସି ବାରଣ ନାହିଁ ।
- କୌଣସି ବିପର୍ଯ୍ୟୟ ପରେ ଅନୁଗ୍ରହ ପୂର୍ବକ ଅର୍ଥ ପ୍ରଦାନ ଅନୁକମ୍ପାମୂଳକ ସହାୟତା ପ୍ରଭାବିତ ବ୍ୟକ୍ତିଙ୍କୁ ସିଧାସଳଖ ଦିଆଯାଇପାରିବ ।
- ମୁଖ୍ୟମନ୍ତ୍ରୀ/ପ୍ରଧାନମନ୍ତ୍ରୀଙ୍କ ରିଲିଫ୍‌ଫଣ୍ଡରୁ ଚିକିତ୍ସିତ ରୋଗୀମାନଙ୍କ ପାଇଁ ଡାକ୍ତରଖାନାକୁ ସିଧାସଳଖ ଅନୁଦାନ ଦିଆଯାଇପାରିବ ।
- କମିଶନଙ୍କୁ ସୂଚନା ଦେଇ ଜରୁରୀକାଳିନ ରିଲିଫ୍ କାର୍ଯ୍ୟ କରାଯାଇପାରିବ ।
- ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ଲାଘବ କରିବା ସକାଶେ ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୂପ ନୂତନ ନିର୍ମାଣ କାର୍ଯ୍ୟ କମିଶନ୍‌ଙ୍କ ପୂର୍ବ ଅନୁମୋଦନ କ୍ରମେ କରାଯାଇପାରିବ ।

- କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଗର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ/ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡର ସହାୟତା, କମିଶନ୍ଙ୍କ ପୂର୍ବ ଅନୁମୋଦନ କ୍ରମେ ପ୍ରଦାନ କରାଯାଇପାରିବ ।
- **କେଉଁ କେଉଁ କାର୍ଯ୍ୟକଳାପ ଲାଗି କମିଶନଙ୍କ ପୂର୍ବ ଅନୁମତି ଆବଶ୍ୟକ ।**
  1. ବିବେକାନୁସାରୀ ପାଣ୍ଠିରୁ ନୂତନ ନିର୍ମାଣ କାର୍ଯ୍ୟ
  2. ପବ୍ଲିକ୍ ସେକ୍ଟର ଉଦ୍ୟୋଗ ଗୁଡିକର ( ପିଏସ୍ୟୁଏସ୍) ପୁନଃ ଚାଲୁ କରିବା ଲାଗି ପ୍ରସ୍ତାବ ।
  3. ପ୍ରଚଳିତ କୌଣସି ପ୍ରୋଜେକ୍ଟ୍/ ସ୍କିମ୍/ ପ୍ରୋଗ୍ରାମ୍ ଅଧୀନରେ ସଂପୃକ୍ତ ଅଞ୍ଚଳରେ କାର୍ଯ୍ୟର ସଂପ୍ରସାରଣ
  4. କୌଣସି ବ୍ୟକ୍ତି ବିଶେଷ ବା ସଂଗଠନକୁ ଜମି ଆବଣ୍ଟନ
  5. ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର
- ୟୁପିଏସ୍ସି, ଏସ୍ପିଏସ୍ସି ବା ଷ୍ଟାଫ୍ ସିଲେକ୍ସନ୍ ବା ଅନ୍ୟାନ୍ୟ ବୈଧାନିକ ପ୍ରାଧିକରଣ ଜରିଆରେ ନିୟମିତ ରିକ୍ରୁଟ୍ମେଣ୍ଟ୍/ ନିଯୁକ୍ତି ବା ପଦୋନ୍ନତି ଚାଲୁ ରହିପାରିବ ।
- ରିଲିଫ୍ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ରାଜନୀତିକ କର୍ମକର୍ତ୍ତାମାନେ ସଂଶ୍ଳିଷ୍ଟ ଥାଇ କୌଣସି ଔପଚାରିକ ଉତ୍ସବ ପାଳନ କରାଯିବନାହିଁ ।
- (ଅନୁଦେଶ କ୍ର. ସଂ. 96, ସିଓଏଲ – 2011 ଇସି ପତ୍ର ସଂ. 437/6/2009/ ସିସି ଆଣ୍ଡ୍ ବିଇ, ତା. 05/03/2009)
- ଜାତୀୟ, ଆଂଚଳିକ ଓ ରାଜ୍ୟର ବିଭିନ୍ନ ପରିଯୋଜନା (ସ୍କିମ୍) କ୍ଷେତ୍ରରେ ଯାହାକି ସଂପୂର୍ଣ୍ଣ ହେବା ଅବସ୍ଥାରେ ଅଛି ସେଗୁଡିକର ଉପଯୋଗିତା ବା ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ କାର୍ଯ୍ୟକାରିତାକୁ ବନ୍ଦ କରି ଦିଆଯିବନାହିଁ ବା ବିଳମ୍ବ କରାଯିବନାହିଁ ।
- ସେପରି ପରିଯୋଜନା (ସ୍କିମ୍) ଗୁଡିକର କାର୍ଯ୍ୟକାରିତାରେ କୌଣସି ରାଜନୀତିକ  କର୍ମକର୍ତ୍ତାଙ୍କୁ ସଂଶ୍ଳିଷ୍ଟ ନ କରାଇ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମାପନ କରାଯିବ ।
  1. **କୌଣସି ସରକାରୀ ସ୍କିମ୍ର ନୂତନ ମଂଜୁରି ଦିଆଯିବ ନାହିଁ ।**
  2. **ରାଜନୀତିକ ନେତାମାନଙ୍କ (ମନ୍ତ୍ରୀ ଇତ୍ୟାଦି) ଦ୍ୱାରା ସ୍କିମ୍ ଗୁଡିକର ସମୀକ୍ଷା କରାଯିବ ନାହିଁ ।**
  3. **କଲ୍ୟାଣମୂଳକ ସ୍କିମ୍ ଗୁଡିକ ଲାଗି ସାନି ପାଣ୍ଠି ମଂଜୁର କରାଯିବନାହିଁ ।**
  4. **କୌଣସି ନିର୍ମାଣ କାର୍ଯ୍ୟଲାଗି ଚୁକ୍ତି କରାଯିବ ନାହିଁ ।**
- ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହେବା ପୂର୍ବରୁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ଯଦି ସେହି କାର୍ଯ୍ୟ ସଂପୃକ୍ତ ସ୍ଥାନରେ ଆରମ୍ଭ ହୋଇନଥିବ ତେବେ ସେପରି କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ । ସେପରି ନିର୍ମାଣ କାର୍ଯ୍ୟ କେବଳ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ହିଁ ଆରମ୍ଭ କରାଯିବ । ଅବଶ୍ୟ ଯଦି କୌଣସି ନିର୍ମାଣ କାର୍ଯ୍ୟ ପ୍ରକୃତରେ ଆରମ୍ଭ କରାଯାଇଥିବ ତେବେ ସେହି କାର୍ଯ୍ୟ ଚାଲୁ ରହି ପାରିବ ।
- ସଂପୃକ୍ତ ସରକାରୀ ଅଧିକାରୀଙ୍କ ସଂପୂର୍ଣ୍ଣ ଭାବରେ ହୃଦ୍ବୋଧ ପ୍ରତି ସାପେକ୍ଷ ରହି ସମାପ୍ତ ହୋଇଥିବା ନିର୍ମାଣ କାର୍ଯ୍ୟ (ଗୁଡିକ) ଲାଗି ଅର୍ଥ ପ୍ରଦାନ କରିବା ସକାଶେ କୌଣସି ପ୍ରତିବନ୍ଧକ ନାହିଁ ।
- (ଅନୁଦେଶ କ୍ର. ନଂ. 96 ସିଓଏଲ୍ – 2011, ଇସି ପତ୍ର ସଂ. 437/6/2009 – ସିସି ଆଣ୍ଡ୍ ବିଇ, ତା. 05/03/2009)
- **ନିମ୍ନୋକ୍ତ ପରିସ୍ଥିତିକୁ ସୁଧାରିବା ଲାଗି ପ୍ରସ୍ତୁତ ହୋଇଥିବା ସ୍କିମ୍କୁ କମିଶନ ମନା କରିବେନାହିଁ; ସେଗୁଡିକ ହେଲା, -**

1. ଜରୁରୀକାଳିନ ପରିସ୍ଥିତି
2. ଅଦୃଷ୍ଟ ଦୁର୍ବିପାକ
3. ବୟସ୍କ, ଅକର୍ମଣ୍ୟ ବ୍ୟକ୍ତିଙ୍କ ଲାଗି କଲ୍ୟାଣକର ପଦକ୍ଷେପ ।

**ଉପରୋକ୍ତ ବିଷୟଗୁଡିକ ଲାଗି ଅବଶ୍ୟ କମିଶନଙ୍କ ପୂର୍ବ ଅନୁମୋଦନ ନିଆଯିବା ଉଚିତ୍ ।**

- ସମସ୍ତ ପ୍ରକାର ଆଡମ୍ବରପୂର୍ଣ୍ଣ ଉତ୍ସବ ପାଳନକୁ କଡିକଡିଭାବେ ପରିହାର କରାଯିବ । ସେପରି କଲ୍ୟାଣକର ପଦକ୍ଷେପ ବା ସହାୟତା ଓ ଥଇଥାନ କାର୍ଯ୍ୟକ୍ରମମାନ ଏପରି ଭାବରେ ହାତକୁ ନିଆଯିବ ଯେପରିକି ତଦ୍ୱାରା କ୍ଷମତାରେ ଥିବା ଦଳ ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କଲାଭଳି ଓ ଅନ୍ୟ ଦଳଗୁଡିକ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବା ଭଳି କୌଣସି ପ୍ରକାର ଧାରଣା ସୃଷ୍ଟି କରିବ ନାହିଁ ।
- ନିର୍ବାଚନର ଠିକ୍ ପୂର୍ବରୁ ମନ୍ତ୍ରୀ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷମାନେ ଅନୁଦାନ/ ବିବେକାନୁସାରୀ ପାଣ୍ଠିରୁ ଅନୁଦାନ ପ୍ରଦାନ ମଂଜୁର କରିପାରିବେ ନାହିଁ । ( ଅନୁଦେଶ ସଂ. 52, ନିର୍ବାଚନ କମିଶନଙ୍କ ପତ୍ର ସଂ 576/ 17/84/ - ତା. 9/11/1984)
- ନିର୍ବାଚନ ଅନୁଷ୍ଠିତ ହେବା ଲାଗି ଘୋଷଣା ହେବାଠାରୁ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ରାଜ୍ୟ ନିର୍ବାଚନ ମଣ୍ଡଳୀଗୁଡ଼ିକୁ ଗସ୍ତ କରିବାଲାଗି କୌଣସି ପ୍ରକାର ପାସ୍ ଦିଆଯିବ ନାହିଁ । (ଅନୁଦେଶ କ୍ର. ସଂ. 2 ଇସି ପତ୍ର ସଂ. 437/6/93/ଜେ ଏସ, II, ତା. 31/12/1993)
- ସରକାରୀ ଏଜେନ୍ସି ଦ୍ୱାରା (କେନ୍ଦୁପତ୍ର ଭଳି) ବଡ଼ ଧରଣର ନିଲାମ, ଟେଣ୍ଡର୍ କରିବା ଲାଗି ନିଷେଧ କରାଯାଇଛି (ଅନୁଦେଶ କ୍ର.ସଂ. 3, ଇସିଆଇ ପତ୍ର ସଂ. 434/6/ପିଏଲ୍ଏନ–III, ତା.22/3/1996, ସହିତ ଇସିଆଇ ପତ୍ର ସଂଖ୍ୟା 437/6/2009 ସିସି ଏଣ୍ଡ୍ ବିଇ ତା 24/03/2009 ପଠନ ହେବ)
- ସରକାରୀ ଟ୍ରେଜେରୀରୁ ବ୍ୟୟ କରି ଲଗାଯାଇଥିବା ସମସ୍ତ ହୋଡ଼ିଂ, ବିଜ୍ଞାପନ ଇତ୍ୟାଦିକୁ ଅବିଳମ୍ବେ କର୍ତ୍ତୃପକ୍ଷଙ୍କ ଦ୍ୱାରା କାଢି ଦିଆଯିବ ।
- ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ସରକାରୀ ଟ୍ରେଜେରୀରୁ ବ୍ୟୟ କରି ଖବରକାଗଜ ଓ ଅନ୍ୟାନ୍ୟ ମିଡ଼ିଆରେ କୌଣସି ବିଜ୍ଞାପନ ଦିଆଯିବ ନାହିଁ ।
- (ଅନୁଦେଶ କ୍ର.ସଂ. 101, ସିଓଏଲ୍ – 2011, ଇସି ପତ୍ର ସଂ. 437/6/ଆଇଏନ୍ଏସ୍ଟି/2008 – ସିସି ଆଣ୍ଡ ବିଇ)